# ଅଧ୍ୟାୟ-୬

# ଅନୁଷ୍ଠାନମାନଙ୍କରେ ଯତ୍ନବ୍ୟବସ୍ଥାର ମାନଦଣ୍ଡସମୂହ

**୪୦. ଭୌତିକ ସଂରଚନା-**

(୧) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ କିଶୋରମାନଙ୍କ ପାଇଁ ଏବଂ ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ପାଇଁ ଉଦ୍ଦିଷ୍ଟ ଗୃହଗୁଡିକ ଅଲଗା ଅଲଗା ପରିସରରେ କର୍ଯ୍ୟକରିବ ।

(୨) ପ୍ରତି ଅନୁଷ୍ଠାନରେ ଆଶ୍ରୟ ବ୍ୟବସ୍ଥା ନିମ୍ନୋକ୍ତ ମାନଦଣ୍ଡ ଅନୁଯାୟୀ ପରିଚାଳିତ ହେବ, ଯଥା-

**(ଏ) ପରିବେକ୍ଷଣ ଗୃହ:**

(୧) ବାଳିକା ଓ ବାଳକମାନଙ୍କ ପାଇଁ ଅଲଗା ଅଲଗା ପରିବେକ୍ଷଣ ଗୃହର ବ୍ୟବସ୍ଥା;

(୨) ଶାରିରୀକ ଓ ମାନସିକ ଅବସ୍ଥା ଏବଂ ଘଟିତ ଅପରାଧର ପ୍ରକାରଭେଦ ପ୍ରତି ଯଥୋଚିତ ଧ୍ୟାନ ଦିଆଯିବା ସହିତ ବୟସ ଭିତ୍ତିରେ କିଶୋରମାନଙ୍କର ଶ୍ରେଣୀବିଭାଗ ଏବଂ ପୃଥକୀକରଣ କରିବା, ବିଶେଷ କରି ଏହା ବାଂଛନୀୟ ହେବ ଯେ, ସେମାନଙ୍କୁ ୭-୧୧ ବର୍ଷ, ୧୨-୧୬ ବର୍ଷ ଏବଂ ୧୬-୧୮ ବର୍ଷ ଗୋଷ୍ଠୀରେ ବିଭକ୍ତ କରିବା ;

**(ବି) ସ୍ୱତନ୍ତ୍ର ଗୃହ:**

(୧) ୧୦ବର୍ଷରୁ ଉର୍ଦ୍ଧ୍ୱ ବାଳିକା ମାନଙ୍କ ପାଇଁ ଓ ୧୧ରୁ ୧୫ ବର୍ଷ ଓ ୧୬ରୁ ୧୮ବର୍ଷ ବୟସର ବାଳକମାନଙ୍କ ପାଇଁ ଅଲଗା ଅଲଗା ସ୍ୱତନ୍ତ୍ର ଗୃହର ବ୍ୟବସ୍ଥା;

(୨) ବୟସ, ଅପରାଧର ପ୍ରକାରଭେଦ ଏବଂ ଶାରିରୀକ ଓ ମାନସିକ ଅବସ୍ଥା ଭିତ୍ତିରେ କିଶୋରମାନଙ୍କର ଶ୍ରେଣୀବିଭାଗ ଏବଂ ପୃଥକୀକରଣ କରିବା ।

**(ସି) ବାଳୁତ ଗୃହ:**

(୧) ଯଦିଓ ୧୦ବର୍ଷରୁ କମ୍ ବୟସର ଉଭୟ ପୁଅ ଓ ଝିଅଙ୍କୁ ଗୋଟିଏ ଗୃହରେ ଏକାଠି ଆଶ୍ରିତ କରିହେବ, ୫ରୁ ୧୦ବର୍ଷ ବୟସର ପୁଅ ଓ ଝିଅ ମାନଙ୍କ ପାଇଁ ଗାଧୁଆ ଏବଂ ଶୋଇବାର ଅଲଗା ଅଲଗା ବ୍ୟବସ୍ଥା ରଖିବାକୁ ପଡିବ ;

(୨) ୭-୧୧ ଏବଂ ୧୨-୧୮ ବର୍ଷ ବୟସର ପୁଅ ଏବଂ ଝିଅ ମାନଙ୍କ ପାଇଁ ଅଲଗା ଅଲଗା ବାଳୁତ ଗୃହର ବ୍ୟବସ୍ଥା କରିବାକୁ ପଡିବ ;

(୩) ନବଜାତ ଶିଶୁମାନଙ୍କ ପାଇଁ ଯଥୋଚିତ ବ୍ୟବସ୍ଥା ସହିତ ୦-୫ବର୍ଷ ବୟସର ବାଳୁତମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରିବା ପାଇଁ ପଡିବ ।

**(ଡି) ଆଶ୍ରୟ ଗୃହ:**

(୧) ପୁଅ ଓ ଝିଅଙ୍କ ପାଇଁ ଅଲଗା ଅଲଗା **ଆଶ୍ରୟ ଗୃହର ବ୍ୟବସ୍ଥା ରହିବ ;**

(୨) ୧୦ବର୍ଷରୁ ଉର୍ଦ୍ଧ୍ୱ ଝିଅ ଏବଂ ୧୧-୧୫ ଓ ୧୬-୧୮ ବର୍ଷ ବୟସର ପୁଅମାନଙ୍କ ପାଇଁ ଅଲଗା ଅଲଗା ଆଶ୍ରୟ ଗୃହର ବ୍ୟବସ୍ଥା ରହିବ ।

(୩) ୫୦ଜଣ କିଶୋର ବା ବାଳୁତଙ୍କ ପାଇଁ ଉଦ୍ଦିଷ୍ଟ ଏକ ଅନୁଷ୍ଠାନରେ ବାସସ୍ଥାନ ବା ଆଶ୍ରୟ ସ୍ଥଳର ନିର୍ମାଣ ପାଇଁ ନିମ୍ନୋକ୍ତ ମାନଦଣ୍ଡ ଅନୁସରଣ କରାଯିବ:

(୧) ୨୫ଜଣ କିଶୋର/ବାଳୁତଙ୍କ ପାଇଁ ୨ଟି ଶୟନକକ୍ଷ, ପ୍ରତି କକ୍ଷର ଆୟତନ ୧୦୦୦ବର୍ଗ ଫୁଟ ହିସାବରେ ମୋଟ୍ ୨୦୦୦ ବର୍ଗ ଫୁଟ

(୨)	୨୫ଜଣ କିଶୋର/ବାଳୁତଙ୍କ ପାଇଁ ୨ଟି ଶ୍ରେଣୀକକ୍ଷ, ପ୍ରତି କକ୍ଷର ଆୟତନ ୩୦୦ବର୍ଗ ଫୁଟ ହିସାବରେ ମୋଟ୍ ୬୦୦ ବର୍ଗ ଫୁଟ

(୩)	ପ୍ରତି କିଶୋର/ବାଳୁତ ପାଇଁ ୭୫ ବର୍ଗଫୁଟ ହିସାବରେ ୧୦ଜଣ କିଶୋର/ବାଳୁତଙ୍କ ପାଇଁ ପୀଡିତ କକ୍ଷ ବା ପ୍ରାଥମିକ ଚିକିତ୍ସା କକ୍ଷର ଆୟତନ ୭୫୦ ବର୍ଗ ଫୁଟ

(୪)	ରୋଷେଇଘର ୨୫୦ ବର୍ଗ ଫୁଟ

(୫)	ଭୋଜନ କକ୍ଷ ୮୦୦ ବର୍ଗ ଫୁଟ

(୬)	ଷ୍ଟୋର୍ ୨୫୦ ବର୍ଗ ଫୁଟ

(୭)	ମନୋରଞ୍ଜନ ପ୍ରକୋଷ୍ଠ ୩୦୦ ବର୍ଗ ଫୁଟ

(୮)	ପାଠାଗାର ୫୦୦ ବର୍ଗ ଫୁଟ

(୯)	୫ଟି ସ୍ନାନାଗାର, ପ୍ରତ୍ୟେକ ୨୫ ବର୍ଗ ଫୁଟ ହିସାବରେ ମୋଟ ୧୨୫ ବର୍ଗ ଫୁଟ

(୧୦)	୮ଟି ମୂତ୍ରାଶୟ/ପାଇଖାନା, ପ୍ରତ୍ୟେକ ପାଇଁ ୨୫ବର୍ଗ ଫୁଟ, ମୋଟ ୨୦୦ ବର୍ଗଫୁଟ

(୧୧)	(ଏ) ଅଫିସ୍ ପ୍ରକୋଷ୍ଠ ୩୦୦ ବର୍ଗଫୁଟ, (ବି) ତତ୍ତ୍ୱାବଧାରକ ପ୍ରକୋଷ୍ଠ ୨୦୦ ବର୍ଗଫୁଟ

(୧୨)	ପରାମର୍ଶ ଏବଂ ମାର୍ଗଦର୍ଶନ ପ୍ରକୋଷ୍ଠ ୧୨୦ ବର୍ଗଫୁଟ

(୧୩)	୧୫ କିଶୋରଙ୍କ ପାଇଁ କର୍ମଶାଳା, ପ୍ରତି ପ୍ରଶିକ୍ଷାର୍ଥୀଙ୍କ ପାଇଁ ୭୫ ବର୍ଗଫୁଟ ହିସାବରେ ମୋଟ୍ ୧୧୨୫ ବର୍ଗଫୁଟ

(୧୪)	ତତ୍ତ୍ୱାବଧାରକ ପାଇଁ ବାସଭବନ, (ଏ) ୨ଟି ପ୍ରକୋଷ୍ଠ, ପ୍ରତ୍ୟେକ ପାଇଁ ୨୫୦ ବର୍ଗଫୁଟ, (ବି) ରୋଷେଇ ଘର ୭୫ ବର୍ଗଫୁଟ, (ସି) ସ୍ନାନାଗାର-ଏବଂ-ମୂତ୍ରାଗାର/ପାଠାଗାର ୫୦ ବର୍ଗଫୁଟ

(୧୫)	କିଶୋର ନ୍ୟାୟ ପରିଷଦ/ବାଳୁତ କଲ୍ୟାଣ କମିଟି ପାଇଁ ୨ଟି ପ୍ରକୋଷ୍ଠ, ପ୍ରତ୍ୟେକ ପାଇଁ ୩୦୦ ବର୍ଗ ଫୁଟ, ମୋଟ ୬୦୦ ବର୍ଗଫୁଟ

(୧୬)	କିଶୋର ବା ବାଳୁତଙ୍କ ମୋଟ ସଂଖ୍ୟାକୁ ଚାହିଁ ଖେଳ ପଡିଆ ପାଇଁ ପର୍ଯ୍ୟାପ୍ତ ସ୍ଥାନ

**ଏହିଭଳି ସର୍ବମୋଟ୍ ୮୪୯୫ ବର୍ଗଫୁଟ**

(୪)	ତତ୍ତ୍ୱାବଧାରକ ଅନୁଷ୍ଠାନ ପରିସର ଭିତରେ ବାସ କରିବେ ଏବଂ ତାଙ୍କୁ ବାସଗୃହ ଯୋଗଇ ଦିଆଯିବ, ଏବଂ ଯଦି ସେ କୌଣସି ଯଥାର୍ଥ କାରଣ (ଯାହାକି ବାଳୁତ ସୁରକ୍ଷା ନିର୍ଦ୍ଦେଶକଙ୍କ ଦ୍ୱାରା ଅନୁମୋଦିତ ହୋଇଥିବ) ପାଇଁ ଅନୁଷ୍ଠାନ ଭିତରେ ରହିବା ପାଇଁ ଅକ୍ଷମ ହୁଅନ୍ତି, ତେବେ ଅନୁଷ୍ଠାନର ଅନ୍ୟ ଜଣେ ବରିଷ୍ଠ କର୍ମଚାରୀ ଅନୁଷ୍ଠାନ ଭିତରେ ବାସ କରିବେ ଏବଂ ତଦ୍ୱାରା ବାଳୁତ ବା କିଶୋରମାନଙ୍କର ସାମଗ୍ରୀକ ଯତ୍ନ ବ୍ୟବସ୍ଥାର ତଦାରଖ କରିବା ପାଇଁ ସମର୍ଥ ହୋଇପାରିବେ ଏବଂ, କୌଣସି ସଂକଟ ବା ଜରୁରୀ ସ୍ଥିତି ଉପୁଜିଲେ ନିଜେ ନିଷ୍ପତ୍ତି ନେବା ପାରିବେ ।

(୫)	(୧) ନିୟମ ୪୦(୨)ରେ ସୂଚୀତ ହୋଇଥିବା ମାନଦଣ୍ଡ ଅନୁଯାୟୀ ଯଥାସମ୍ଭବ ଆଶ୍ରୟ ବ୍ୟବସ୍ଥାମାନ ନିର୍ଦ୍ଧାରିତ ହେବ ଏବଂ ଏହି ମାନଦଣ୍ଡସମୂହ ଭିତରେ ନିମ୍ନୋକ୍ତ ସର୍ବନିମ୍ନ ସୁବିଧାମାନ ଅନ୍ତର୍ଭୁକ୍ତ ହୋଇଥିବ-

(ଏ)	ଶୟନଗୃହ : ପ୍ରତି କିଶୋର ବା ବାଳୁତ ପାଇଁ ୪୦ ବର୍ଗଫୁଟ

(ବି)	ଶ୍ରେଣୀପ୍ରକୋଷ୍ଠ : ୨୫ଜଣ କିଶୋର ବା ବାଳୁତ ପାଇଁ ୩୦୦ ବର୍ଗଫୁଟ

(ସି)	କର୍ମଶାଳା: ପ୍ରତି କିଶୋର ବା ବାଳୁତ ପାଇଁ ୭୫ ବର୍ଗଫୁଟ

(ଡି) ଖେଳପଡିଆ: ପ୍ରତି ଅନୁଷ୍ଠାନରେ କିଶୋରଙ୍କ ମୋଟ ସଂଖ୍ୟାକୁ ଚାହିଁ ଖେଳ ପଡିଆ ପାଇଁ ପର୍ଯ୍ୟାପ୍ତ ସ୍ଥାନର ବ୍ୟବସ୍ଥା କରିବାକୁ ପଡିବ

(୨) ଦୁର୍ଘଟଣା ଏଡାଇବା ପାଇଁ ଉପଯୁକ୍ତ ଏବଂ ମସୃଣ ଚଟାଣ ନିର୍ମାଣ।

(୩)ପର୍ଯ୍ୟାପ୍ତ ଆଲୋକ, ବାୟୁ ସଞ୍ଚାଳନ, ତାପମାତ୍ରା ଏବଂ ଶୀତଳୀକରଣ ବ୍ୟବସ୍ଥା, ନିରାପଦ ପାନୀୟ ଜଳ ତଥା ଲିଙ୍ଗ, ବୟସ ଓ ଆବଶ୍ୟକତାକୁ ଚାହିଁ ଯଥେଷ୍ଟ ପରିଷ୍କାର ଶୌଚାଳୟ।

(୪) ଆଇନ୍ ଅଧୀନରେ ପରିଚାଳିତ ସମସ୍ତ ଅନୁଷ୍ଠାନରେ ପ୍ରାଥମିକ ଚିକିତ୍ସା ଉପକରଣ, ରୋଷେଇଘରେ ନିଆଁଲିଭା ବ୍ୟବସ୍ଥା, ଶୟନଗୃହ, ଷ୍ଟୋର୍ ରୁମ୍, ପରାମର୍ଶ ପ୍ରକୋଷ୍ଠ, ବୈଦ୍ୟୁତିକ ବ୍ୟବସ୍ଥାର ସମୟାନ୍ତର ସମୀକ୍ଷା, ଉପଯୁକ୍ତ ଷ୍ଟୋର୍ ବ୍ୟବସ୍ଥା, ଖାଦ୍ୟ ସାମଗ୍ରୀର ଯାଞ୍ଚ, ସବୁସମୟ ପାଇଁ ଜଳଯୋଗାଣ ବ୍ୟବସ୍ଥା ଏବଂ ଜରୁରୀକାଳୀନ ଆଲୋକ ବ୍ୟବସ୍ଥାକୁ ସ୍ଥାନିତ କରିବାକୁ ପଡିବ।

(୬) ପରିବେକ୍ଷଣ ଗୃହ ଏବଂ ସ୍ୱତନ୍ତ୍ର ଗୃହର ପରିବେଶ ବାଳୁତ-ମିତ୍ର ହେବ ଏବଂ କୌଣସି ମତେ ଏହି ଗୃହଗୁଡିକ ଜେଲ୍‌ଖାନା ବା ହାଜତ ଭଳି ପରିଦୃଶ୍ୟ ହେବନାହିଁ।

**୪୧. ପୋଷାକ ଓ ବିଛଣାପତ୍ର -**

ଆବଶ୍ୟକତା ଓ ଜଳବାୟୁକୁ ଧ୍ୟାନରେ ରଖି ପୋଷାକ ଓ ବିଛଣାପତ୍ରର ବ୍ୟବସ୍ଥା କରିବାକୁ ପଡିବ। ଏହି ନିୟମାବଳୀର ଅନୁସୂଚୀ-୧ରେ ପ୍ରତି କିଶୋର ବା ବାଳୁତର ଆବଶ୍ୟକତା ତଥା ପୋଷାକ ଓ ବିଛଣାପତ୍ରର ସର୍ବନିମ୍ନ ମାନଦଣ୍ଡ ସୂଚୀତ ହୋଇଛି।

**୪୨. ପରିମଳ ଓ ସଫାସୁତୁରା ବ୍ୟବସ୍ଥା-**

ପ୍ରତି ଅନୁଷ୍ଠାନରେ ନିମ୍ନୋକ୍ତ ସୁବିଧାମାନ ସ୍ଥାନିତ ହେବ, ଯଥା-

(ଏ) ପର୍ଯ୍ୟାପ୍ତ ପରିମାଣର ବିଶୋଧିତ ପାନୀୟ ଜଳ ଓ ଜଳଛଣା ବ୍ୟବସ୍ଥା ଉପଲବ୍ଧ ହେଉଥିବ ;

(ବି) ଗାଧୁଆ ଏବଂ ଲୁଗାସଫା ପାଇଁ ଯଥେଷ୍ଟ ପାଣି ଏବଂ ପରିସରର ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ପରିଚ୍ଛନ୍ନତା ରକ୍ଷା ;

(ସି) ଉପଯୁକ୍ତ ନିଷ୍କାସନ ବ୍ୟବସ୍ଥା ;

(ଡି) ଆବର୍ଜନା ନିକାଶ ବ୍ୟବସ୍ଥା;

(ଇ) ମଶାରୁ ରକ୍ଷା ପାଇବା ପାଇଁ ମଶାରି ଯୋଗାଣ ;

(ଏଫ୍) ବର୍ଷସାରା କୀଟ ନିୟନ୍ତ୍ରଣ ;

(ଜି) ପ୍ରତି ସାତ ଜଣ ବାଳୁତଙ୍କ ପାଇଁ ଅନ୍ତତଃ ଗୋଟିଏ ଲେଖାଁ ଶୌଚାଳୟ, ଯାହାକି ଉପଯୁକ୍ତ ଭାବେ ଆଲୋକିତ ହେଉଥିବ ଏବଂ ଯେଉଁଥିରେ ବାୟୁ ସଞ୍ଚାଳିତ ହେଉଥିବ ;

(ଏଚ୍) ପ୍ରତି ଦଶ ଜଣ ବାଳୁତଙ୍କ ପାଇଁ ଅନ୍ତତଃ ଗୋଟିଏ ଲେଖାଁ ସ୍ନାନାଗାର, ଯାହାକି ଉପଯୁକ୍ତ ଭାବେ ଆଲୋକିତ ହେଉଥିବ ଏବଂ ଯେଉଁଥିରେ ବାୟୁ ସଞ୍ଚାଳିତ ହେଉଥିବ ;

(ଆଇ) ଧୁଆଧୋଇ ପାଇଁ ଯଥେଷ୍ଟ ସ୍ଥାନ ;

(ଜେ) ପରିଷ୍କାର ଏବଂ ମାଛି-ମୁକ୍ତ ରୋଷେଇ ଘର ଏବଂ ବାସନକୁସନ ମାଜିବା ପାଇଁ ଅଲଗା ସ୍ଥାନ ;

(କେ) ବିଛଣା ଏବଂ ପୋଷାକପତ୍ରକୁ ଖରାରେ ଶୁଖାଇବା ବ୍ୟବସ୍ଥା;

(ଏଲ୍) ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଚ୍ଛନ୍ନତା ରକ୍ଷା।

**୪୩. ଦୈନିକ କାର୍ଯ୍ୟନିର୍ଘଣ୍ଟ -**

(୧) ବାଳୁତ କମିଟିଙ୍କ ସହିତ ପରାମର୍ଶ କରି ପ୍ରତି ଅନୁଷ୍ଠାନ କିଶୋର ବା ବାଳୁତମାନଙ୍କ ପାଇଁ ଏକ ଦୈନିକ କାର୍ଯ୍ୟନିର୍ଘଣ୍ଟ ପ୍ରସ୍ତୁତ କରିବେ, ଯାହା କି ଅନୁଷ୍ଠାନର ବିଭିନ୍ନ ସ୍ଥାନରେ ସୁଦୃଶ୍ୟ ଭାବେ ପ୍ରଦର୍ଶୀତ ହେବ ।

(୨) ଦୈନିକ କାର୍ଯ୍ୟନିର୍ଘଣ୍ଟରେ ଅନ୍ୟ ବିଷୟମାନ ସହିତ ସ୍ଥାନିତ ରହିବ ଏକ ନିୟନ୍ତ୍ରୀତ ଏବଂ ଶୃଙ୍ଖଳିତ ଜୀବନଶୈଳୀର ବ୍ୟବସ୍ଥା, ବ୍ୟକ୍ତିଗତ ସଫାସୁତୁରା ଏବଂ ପରିଛନ୍ନତା, ଶାରିରୀକ ବ୍ୟାୟାମ, ଯୋଗ, ଶୈକ୍ଷିକ ଶ୍ରେଣୀଗୁଡିକ ବିଷୟରେ ସୂଚନା, ଧନ୍ଦାମୂଳକ ତାଲିମ୍, ସୁସଂଗଠିତ ମନୋରଞ୍ଜନ ଓ କ୍ରୀଡା, ନୀତିଶିକ୍ଷା, ସମୂହ କାର୍ଯ୍ୟ, ପ୍ରାର୍ଥନା ଏବଂ ସମୂହ ଗୀତ ତଥା ରବିବାର ଓ ଛୁଟିଦିନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ।

**୪୪. ପୁଷ୍ଟି ଏବଂ ଖାଦ୍ୟ ପରିମାଣ-**

ପ୍ରତି ଅନୁଷ୍ଠାନ ନିମ୍ନୋକ୍ତ ପୁଷ୍ଟି ଏବଂ ଖାଦ୍ୟ ଶୃଙ୍ଖଳା ଅନୁସରଣ କରିବେ, ଯଥା-

(ଏ) ବାଳୁତମାନଙ୍କୁ ସକାଳର ଜଳଯୋଗ ସମେତ ଚାରିଥର ଭୋଜନ ଯୋଗାଇ ଦିଆଯିବ ;

(ବି) ଏହି ନିୟମାବଳୀର ଅନୁସୂଚୀ-୨ରେ ସୂଚୀତ ହୋଇଥିବା ପୁଷ୍ଟିହାସଲର ସର୍ବନିମ୍ନ ମାନଦଣ୍ଡ ଏବଂ ଖାଦ୍ୟ ପରିମାଣ ଅନୁଯାୟୀ ସୁଷମ ଖାଦ୍ୟ ତଥା ସ୍ୱାଦରେ ବିଭିନ୍ନତାକୁ ସୁନିଶ୍ଚିତ କରିବା ପାଇଁ ପୁଷ୍ଟି ବିଶେଷଜ୍ଞ ବା ସଂପୃକ୍ତ ଡାକ୍ତରଙ୍କ ସହ ପରାମର୍ଶ କ୍ରମେ ଖାଦ୍ୟ ତାଲିକା ପ୍ରସ୍ତୁତ କରାଯିବ ;

(ସି) ଏହି ଆଇନ୍ ଅଧୀନରେ ପରିଚାଳିତ ହେଉଥବା ପ୍ରତି ଅନୁଷ୍ଠାନ ଅନୁସୂଚୀ-୨ରେ ସୂଚୀତ ହୋଇଥିବା ପୁଷ୍ଟିହାସଲର ସର୍ବନିମ୍ନ ମାନଦଣ୍ଡ ଏବଂ ଖାଦ୍ୟ ପରିମାଣକୁ କଡାକଡି ଭାବେ ଅନୁସରଣ କରିବେ ;

(ଡି) କିଶୋର ଓ ବାଳୁତମାନଙ୍କ ପାଇଁ ଛୁଟି ଓ ପର୍ବଦିବସ ମାନଙ୍କରେ ସ୍ୱତନ୍ତ୍ର ଭୋଜନର ବ୍ୟବସ୍ଥା କରାଯିବ ;

(ଇ) ନବଜାତ ଶିଶୁ ଏବଂ ରୁଗ୍ଣ କିଶୋର ବା ବାଳୁତମାନଙ୍କୁ ସେମାନଙ୍କର ଖାଦ୍ୟ ଆବଶ୍ୟକତା ଉପରେ ସଂପୃକ୍ତ ଡାକ୍ତରଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶ କ୍ରମେ ସ୍ୱତନ୍ତ୍ର ଖୋରାକ ଯୋଗାଇ ଦିଆଯିବ ।

**୪୫. ଚିକିତ୍ସା ପାଇଁ ଯତ୍ନ-**

ପ୍ରତି ଅନୁଷ୍ଠାନ-

(ଏ) ପ୍ରତି କିଶୋର ବା ବାଳୁତର ମାସିକ ଡାକ୍ତରୀ ଯାଞ୍ଚ ଭିତ୍ତିରେ ଏକ ଚିକିତ୍ସା ପଞ୍ଜିକା ଅନୁରକ୍ଷିତ ହେବ ଏବଂ ସେମାନଙ୍କ ପାଇଁ ଆବଶ୍ୟକୀୟ ଚିକିତ୍ସାର ସୁବିଧାସୁଯୋଗ ଉପଲବ୍ଧ କରାଯିବ ;

(ବି) ଚିକିତ୍ସା ପଞ୍ଜିକା ଭିତରେ ଓଜନ ଓ ଉଚ୍ଚତା, ରୋଗ ଓ ତହିଁର ଚିକିତ୍ସା, ଏବଂ ଅନ୍ୟାନ୍ୟ ଶାରିରୀକ ବା ମାନସିକ ରୁଗ୍ଣତା ସଂବଧୀୟ ସୂଚନା ଯେମିତି ହେଲେ ଅନ୍ତର୍ଭୁକ୍ତ ରହିବ ବୋଲି ନିଶ୍ଚିତ କରିବାକୁ ପଡିବ ;

(ସି) ପ୍ରତି କାର୍ଯ୍ୟଦିବସରେ ପ୍ରତି କିଶୋର ବା ବାଳୁତର ନିୟମିତ ଡାକ୍ତରୀ ଯାଞ୍ଚ ଏବଂ ଚିକିତ୍ସା ପାଇଁ ଖବର ଦେବା ମାତ୍ରେ ଡାକ୍ତର ଉପଲବ୍ଧ ହୋଇପାରୁଥିବେ ତଥା ଏହା ସହିତ ଅନ୍ୟାନ୍ୟ ଚିକିତ୍ସା ବ୍ୟବସ୍ଥା ସ୍ଥାନିତ ହୋଇଥିବ ;

(ଡି) ମାମୁଲି ସ୍ୱାସ୍ଥ୍ୟ ସମସ୍ୟାଗୁଡିକୁ ଅତିକ୍ରମ କରିବା ପାଇଁ ଯଥେଷ୍ଟ ସଂଖ୍ୟକ ଡାକ୍ତରୀ ଯନ୍ତ୍ରପାତି ଉପଲବ୍‌ଧ ରହିବ ଏବଂ ଏହା ଭିତରେ ଅନ୍ତର୍ଭୁକ୍ତ ରହିବ ଜରୁରୀ ଔଷଧପତ୍ର ଏବଂ ପଥ୍ୟମାନ ସହିତ ପ୍ରାଥମିକ ଚିକିତ୍ସା ଉପକରଣ ;

(ଇ) ପ୍ରାଥମିକ ଚିକିତ୍ସା ସଂପାଦନ କରିବା ଉପରେ ସମସ୍ତ କର୍ମଚାରୀ ମାନଙ୍କୁ ପ୍ରଶିକ୍ଷଣ;

(ଏଫ୍) ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସରକାରୀ ଡାକ୍ତରଖାନା, ମେଡିକାଲ କଲେଜ୍‌ସମୂହ, ଅନ୍ୟାନ୍ୟ ଚିକିତ୍ସାଳୟ, ଅନ୍ତର୍ବିଭାଗ ମନସ୍ତତ୍ତ୍ୱବିତ୍ ଏବଂ ମାନସିକ ବିଶେଷଜ୍ଞ ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନମାନଙ୍କ ସହ ଚୁକ୍ତିବଦ୍ଧତା ରକ୍ଷା କରିବା, ଯାହା ଫଳରେ ସେମାନଙ୍କର ଡାକ୍ତର ଓ ଛାତ୍ରମାନେ ନିୟମିତ ପରିଦର୍ଶନ କରିପାରିବେ ତଥା ଅନୁଷ୍ଠାନ ପରିସର ଭିତରେ ସମୟାନ୍ତରରେ ସ୍ୱାସ୍ଥ୍ୟ ଶିବିର ପରିଚାଳନା କରି ପାରିବେ ;

(ଜି) ସମସ୍ତଙ୍କୁ ଟୀକା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପମାନ ଗ୍ରହଣ କରିବା;

(ଏଚ୍) ସ୍ପର୍ଶ ଓ ସଂକ୍ରାମକ ରୋଗଗୁଡିକର ସମ୍ଭାବ୍ୟ ଆକ୍ରମଣକୁ ରୋକିବା ପାଇଁ ପ୍ରତିଷେଧ ମୂଳକ ପଦକ୍ଷେପମାନ ଗ୍ରହଣ କରିବା ;

(ଆଇ) ଯଦି ଜଣେ ପୀଡିତର ଅବସ୍ଥା ଅବନ୍ନତ ହୋଇ ଚାଲୁଥାଏ ଅଥବା ସାଂଘାତିକ ଆକାର ଧାରଣ କରେ, ତେବେ ତାକୁ ନିକଟତମ ଡାକ୍ତରଖାନା ବା ସ୍ୱୀକୃତିପ୍ରାପ୍ତ ଚିକିତ୍ସା କେନ୍ଦ୍ରକୁ ପ୍ରେରଣ କରବାର ଏକ ବ୍ୟବସ୍ଥାକୁ ସ୍ଥାନିତ କରିବା ;

(ଜେ) ଅସୁସ୍ଥ ବାଳୁତମାନଙ୍କୁ ଲଗାତାର ଡାକ୍ତରୀ ତତ୍ତ୍ୱାବଧାନ ଅଧୀନରେ ରଖିବା ;

(କେ) ଜଣେ କିଶୋର ବା ବାଳୁତ ଅନୁଷ୍ଠାନରେ ପ୍ରବେଶ କଲାବେଳେ ତାକୁ ଭର୍ତ୍ତି କରିବା ପାଇଁ ତା' ବିଷୟରେ କୌଣସି ଡାକ୍ତରୀ ସାର୍ଟିଫିକେଟ୍ ପାଇଁ ଅଡି ନବସିବା ;

(ଏଲ୍) ଗୋଟିଏ ଅନୁଷ୍ଠାନରେ ଜଣେ କିଶୋର ବା ବାଳୁତ ପ୍ରବେଶ କଲାପରେ ତାକୁ ଚବିଶ ଘଣ୍ଟା ଭିତରେ ଏକ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ତଥା କେତେକ ସ୍ୱତନ୍ତ୍ର ମାମଲାରେ ଚିକିତ୍ସା ସଂସ୍ଥାମାନଙ୍କ ଦ୍ୱାରା ତୁରନ୍ତ ଡାକ୍ତରୀ ପରୀକ୍ଷା ପାଇଁ ବ୍ୟବସ୍ଥା କରିବା ;

(ଏମ୍) ଜଣେ କିଶୋର ବା ବାଳୁତକୁ ସ୍ଥାନାନ୍ତର କଲାବେଳେ ସ୍ଥାନନ୍ତର କରିବା ପୂର୍ବରୁ ଚବିଶ ଘଣ୍ଟା ଭିତରେ ସଂପୃକ୍ତ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଡାକ୍ତରୀ ପରୀକ୍ଷାର ବ୍ୟବସ୍ଥା କରାଇବା;

(ଏନ୍) ଜଣେ କିଶୋର ବା ବାଳୁତର ପିତା/ମାତା ବା ଅଭିଭାବକଙ୍କ ପୂର୍ବ ସମ୍ମତି ନନେଇ ସେହି କିଶୋର ବା ବାଳୁତ ଉପରେ କୌଣସି ଅସ୍ତ୍ରୋପଚାର ଭିତ୍ତିକ ଚିକିତ୍ସା ପ୍ରୟୋଗ କରାଯାଇ ପାରିବନି, ଏବଂ ଯେଉଁସ୍ଥଳେ ପିତା/ମାତା ବା ଅଭିଭାବକଙ୍କୁ ଠାବ କରାଯାଇ ପାରୁନି ଏବଂ ସେହି କିଶୋର ବା ବାଳୁତର ଅବସ୍ଥାରେ ଏଭଳି ଅବନ୍ନତି ଘଟିଛି, ଯାହା ଫଳରେ ଚିକିତ୍ସା ଅଧିକାରୀଙ୍କ ମତରେ ଟିକିଏ ବିଳମ୍ବ କାରଣରୁ ସେ ଅଯଥା କଷ୍ଟ ପାଇବ ବା ତା'ର ସ୍ୱାସ୍ଥ୍ୟ ପ୍ରତି ଦାରୁଣ ଆଘାତ ଘଟିବ, ତେବେ ସେହି କ୍ଷେତ୍ରରେ ବ୍ୟତିକ୍ରମ ଘଟିପାରେ ; ଅଥବା ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀଙ୍କ ଠାରୁ ଲିଖିତ ଅନୁମତି ନନେଇ କୌଣସି ଅସ୍ତ୍ରୋପଚାର ଭିତ୍ତିକ ଚିକିତ୍ସା ପ୍ରୟୋଗ କରାଯାଇ ପାରିବନି ;

(ଓ) ପ୍ରତି କିଶୋର ବା ବାଳୁତକୁ ନିୟମିତ ପରାମର୍ଶ ଦେବାର ବ୍ୟବସ୍ଥା କରିବା ଏବଂ ଯେଉଁମାନଙ୍କ କ୍ଷେତ୍ରରେ ଆବଶ୍ୟକ, ସେମାନଙ୍କୁ ସୁନିର୍ଦ୍ଦିଷ୍ଟ ଧରଣର ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଓ ସେବା ଯୋଗାଇଦେବା, ଏବଂ ଏହି ସେବାସମୂହ ଭିତରେ ଅନ୍ତର୍ଭୁକ୍ତ ରହିବ ପ୍ରତି ଅନୁଷ୍ଠାନର ପରିସର ମଧ୍ୟରେ ପରାମର୍ଶ ପ୍ରଦାନ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠର ବ୍ୟବସ୍ଥା କରିବା ;

(ପି) ଯେଉଁ ବାଳୁତମାନଙ୍କ କ୍ଷେତ୍ରରେ ନିଶାଦ୍ରବ୍ୟ ଅପବ୍ୟବହାରର ପ୍ରତିଷେଧ ପାଇଁ ତଥା ଥଇଥାନ ପାଇଁ ସ୍ୱତନ୍ତ୍ର ଧରଣର କାର୍ଯ୍ୟକ୍ରମ ଆବଶ୍ୟକ, ସେଭଳି ବାଳୁତମାନଙ୍କୁ ଯୋଗ୍ୟତାସମ୍ପନ୍ନ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ସେହିସବୁ ଉପଯୁକ୍ତ କେନ୍ଦ୍ରକୁ ପଠାଇବା, ଯେଉଁଠି ସଂପୃକ୍ତ ବାଳୁତର ବୟସ, ଲିଙ୍ଗ ଏବଂ ଅନ୍ୟ ବୈଶିଷ୍ଟ୍ୟଗୁଡ଼ିକୁ ଦୃଷ୍ଟିରେ ରଖି ଉପରୋକ୍ତ କାର୍ଯ୍ୟକ୍ରମ ପ୍ରୟୋଗ କରାଯାଇଥାଏ ।

**୪୬. ମାନସିକ ସ୍ୱାସ୍ଥ୍ୟ-**

(୧) ସଂପୃକ୍ତ ଅନୁଷ୍ଠାନମାନଙ୍କ ଦ୍ୱାରା ପ୍ରତି କିଶୋର ବା ବାଳୁତର ମାନସିକ ସ୍ୱାସ୍ଥ୍ୟ ସଂବନ୍ଧୀତ ରେକର୍ଡ ଅନୁରକ୍ଷିତ ହେବ ।

(୨) ପ୍ରତି ବାଳୁତର ସାମାଜିକ ବାତାବରଣକୁ ଚାହିଁ ଉପଯୁକ୍ତ ପଦକ୍ଷେପମାନ ଗ୍ରହଣ କରାଯିବ ଯାହା ଫଳରେ ସେହି ବାଳୁତର କ୍ରିୟାଶୀଳତା ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିବ ତଥା ପ୍ରତି ବାଳୁତ ପାଇଁ ବ୍ୟକ୍ତିଗତ ସ୍ଥିତିକୁ ଚାହିଁ ଉପଯୁକ୍ତ ଚିକିତ୍ସାର ଆୟୋଜନ କରିବାକୁ ପଡିବ; ସମସ୍ତ ଅନୁଷ୍ଠାନରେ ଏପ୍ରକାର ବ୍ୟବସ୍ଥାକୁ ସ୍ଥାନିତ କରିବା ବାଧ୍ୟତାମୂଳକ ।

ସ୍ପଷ୍ଟୀକରଣ- ଏହି ଉପନିୟମର ଉଦ୍ଦେଶ୍ୟାର୍ଥେ, ବାତାବରଣ ଭିତ୍ତିକ ପଦକ୍ଷେପସମୂହର ଅର୍ଥ ହେଲା ଆରୋଗ୍ୟଲାଭର ଏଭଳି ଏକ ପ୍ରକ୍ରିୟା, ଯେଉଁଥିରେ ପ୍ରଥମେ ଅନୁଷ୍ଠାନ ଭିତରେ ସଂପୃକ୍ତ ବାଳୁତକୁ ସୁହାଇବା ଭଳି ଏକ ସାଂସ୍କୃତିକ ବାତାବରଣ ଏବଂ ଅନୁରୂପ ପରିବେଶ ସୃଷ୍ଟି କରାଯାଇଥାଏ, ଯାହାର ପରିଣତି ସ୍ୱରୂପ, ପ୍ରତି ବାଳୁତର ଅନ୍ତର୍ନିହିତ ସମ୍ଭାବନାମାନ ନିଶ୍ଚିତ ରୂପେ ଉଦ୍‌ଘାଟିତ ହୋଇପାରିବ, ନିଜର ଜୀବନ ବିଷୟରେ ନିଜେ ନିଷ୍ପତ୍ତି ନେବା କ୍ଷେତ୍ରରେ ସେମାନଙ୍କ ସମ୍ମୁଖରେ ବହୁ ବିକଳ୍ପ ତଥା ଅଧିକାର ଉପଲବ୍ଧ ଥିବ, ନିଜର ନକାରାତ୍ମକ ଜୀବନାନୁଭୂତିକୁ ଅତିକ୍ରମ କରିପାରିବେ ତଥା ଏକ ନୂତନ ଜୀବନଶୈଳୀକୁ ଆପଣେଇବା ଦିଗରେ ସେମାନେ ଅଗ୍ରଗତି କରିପାରିବେ ଏବଂ ଏପ୍ରକାର ପଦକ୍ଷେପ ସେମାନଙ୍କର ଭାବବେଗକୁ ଗଭୀର ଭାବେ ପ୍ରଭାବିତ କରୁଥିବ ।

(୩) ପ୍ରତି ଅନୁଷ୍ଠାନର ପରିବେଶ ସମସ୍ତ ପ୍ରକାର ଦୁର୍ବ୍ୟବହାରରୁ ମୁକ୍ତ ରହିବ, ଯାହା ଫଳରେ ସଂପୃକ୍ତ କିଶୋର ଓ ବାଳୁତମାନେ ନିଜ ନିଜର ପରିସ୍ଥିତି ସହିତ ଖାପ୍ ଖୁଆଇ ଚଳିବା ଏବଂ ନିଜର ଆତ୍ମବିଶ୍ୱାସ ଫେରିପାଇବା ସହଜସାଧ୍ୟ ହୋଇପରିବ ।

(୪) ଅନୁଷ୍ଠାନର ଅନ୍ତେବାସୀ କିଶୋର ଓ ବାଳୁତମାନଙ୍କର ଯତ୍ନ ନିର୍ବାହରେ ଜଡିତ ଥିବା ସମସ୍ତ ବ୍ୟକ୍ତିମାନେ ଏକ ଅନୁକୂଳ ବାତାବରଣ ସୃଷ୍ଟିକୁ ସହଜସାଧ୍ୟ କରିବା କାର୍ଯ୍ୟରେ ଅଂଶଗ୍ରହଣ କରିବେ ତଥା ଚିକିତ୍ସା ବିଶେଷଜ୍ଞମାନଙ୍କ ସହଯୋଗରେ କାର୍ଯ୍ୟ କରିବେ ।

(୫) ବ୍ୟକ୍ତି-ଆଧାରିତ ଚିକିତ୍ସା ଏକ ସ୍ୱତନ୍ତ୍ର ପ୍ରକ୍ରିୟା ଏବଂ ଏହା ମାନସିକ-ସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିବାରୁ ପ୍ରତି ଅନୁଷ୍ଠାନ ଏଥିପାଇଁ ଉପଯୁକ୍ତ ବ୍ୟବସ୍ଥାମାନ ସ୍ଥାନିତ କରିବେ ।

(୬) ଅନୁଷ୍ଠାନର ପ୍ରତି କିଶୋର ବା ବାଳୁତକୁ ବ୍ୟକ୍ତି-ଆଧାରିତ ଭିତ୍ତିରେ ସବିଶେଷ ଓ ନିୟମିତ ଚିକିତ୍ସା ଯୋଗାଇଦେବା ଉଦ୍ଦେଶ୍ୟରେ ପ୍ରତି ଅନୁଷ୍ଠାନରେ ପ୍ରଶିକ୍ଷିତ ପରାମର୍ଶଦାତାମାନଙ୍କ ଦ୍ୱାରା ସେବା ପ୍ରଦାନ କରାଯିବ ନତୁବା ଅନୁଷ୍ଠାନ ଏହିସବୁ ବାହ୍ୟ ସଂସ୍ଥାମାନଙ୍କର ସହଯୋଗ ଲାଭ କରିବ, ଯଥା ବାଳୁତ ମାର୍ଗଦର୍ଶନ କେନ୍ଦ୍ରସମୂହ, ମନସ୍ତତ୍ତ୍ୱ ଓ ମନୋଚିକିତ୍ସା ବିଭାଗସମୂହ, ବା ତଦନୁରୂପ ସରକାରୀ ଓ ବେସରକାରୀ ସଂସ୍ଥାସମୂହ ।

(୭) ଅନୁଷ୍ଠାନ ସହ ସଂପୃକ୍ତ ଥିବା ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ସହ ପରାମର୍ଶ କ୍ରମେ ବାଳୁତ କଲ୍ୟାଣ ଅଧିକାରୀମାନେ ପ୍ରତି କିଶୋର ବା ବାଳୁତ ପାଇଁ ମାନସିକ ସ୍ୱାସ୍ଥ୍ୟରକ୍ଷା ଯୋଜନା ପ୍ରସ୍ତୁତ

କରିବେ, ଯାହା କି ସଂପୃକ୍ତ କିଶୋର ବା ବାଳୁତର ବ୍ୟକ୍ତି-ଆଧାରିତ ଯତ୍ନନିର୍ବାହ ଯୋଜନା ଭିତରେ ଅଙ୍ଗୀଭୂତ ରହିବ ।

(୮) ପ୍ରତି ବାଳୁତର କେଶ୍ ଫାଇଲ୍ ଭିତରେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର ସୁପାରିଶ୍‌ମାନ ଲିପିବଦ୍ଧ ହୋଇ ରହିବ ଏବଂ ତାହା ପୁଣି ସଂପୃକ୍ତ ବାଳୁତର ଯତ୍ନନିର୍ବାହ ଯୋଜନା ଭିତରେ ଅନ୍ତର୍ଭୁକ୍ତ ରହିବ ।

(୯) ଏହି ନିୟମାବଳୀର ନିୟମ-୫୫ ଅଧୀନରେ ପ୍ରତିଷ୍ଠିତ ହୋଇଥିବା ପରିଚାଳନା କମିଟିଙ୍କ ସମ୍ମୁଖରେ ସମସ୍ତ ଯତ୍ନ-ନିର୍ବାହ ଯୋଜନାଗୁଡିକୁ ମାସକୁ ଥରେ ଏବଂ ବାଳୁତ କଲ୍ୟାଣ କମିଟି ସମ୍ମୁଖରେ ତିନିମାସିକୁ ଥରେ ପେଶ୍ କରିବାକୁ ପଡିବ ।

(୧୦) ଜଣେ କିଶୋର ବା ବାଳୁତର କୌଣସି ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଲେ ଉପଯୁକ୍ତଭାବେ ପ୍ରଶିକ୍ଷିତ ହୋଇଥିବା ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ଦ୍ୱାରା ମନସ୍ତାତ୍ତ୍ୱିକ ଆକଳନ ଏବଂ ଲକ୍ଷଣ-ନିର୍ଣ୍ଣୟ କରାନଯାଇ ତାକୁ କୌଣସି ଔଷଧୀୟ ଚିକିତ୍ସା ପ୍ରୟୋଗ କରାଯିବ ନାହିଁ ।

## ୪୭. ଶିକ୍ଷା-

(୧) ଆବଶ୍ୟକ ଅନୁଯାୟୀ ଉଭୟ ଅନୁଷ୍ଠାନ ଭିତରେ ଏବଂ ବାହାରେ ସମସ୍ତ କିଶୋର ବା ବାଳୁତମାନଙ୍କୁ ସେମାନଙ୍କର ବୟସ ଏବଂ ଦକ୍ଷତା ଅନୁଯାୟୀ ଶିକ୍ଷା ପ୍ରଦାନ କରାଯିବ ।

(୨) ବିଭିନ୍ନ ସ୍ଥାନରେ ଆବଶ୍ୟକ ପଡୁଥିବା ଭିନ୍ନଭିନ୍ନ ପ୍ରୟୋଜନକୁ ମେଣ୍ଟାଇବା ପାଇଁ ବ୍ୟାପକ ଧରଣର ଶିକ୍ଷାଗତ ସୁଯୋଗ ଉପଲବ୍ଧ ହେବ ଏବଂ ସେଥିମଧ୍ୟରେ ଅନ୍ତର୍ଭୁକ୍ତ ହେବ ମୁଖ୍ୟସ୍ରୋତ ସାର୍ବଜନୀନ ବିଦ୍ୟାଳୟ, ସେତୁ ବିଦ୍ୟାଳୟ, ମୁକ୍ତ ବିଦ୍ୟାଳୟ, ଅଣ-ଆନୁଷ୍ଠାନିକ ଶିକ୍ଷା ଓ ଜ୍ଞାନଲାଭ ତଥା ସ୍ୱତନ୍ତ୍ର ଶିକ୍ଷାଗୁରୁଙ୍କର ପ୍ରୟାସ ।

(୩) ଯେଉଁ ସ୍ଥଳେ ଆବଶ୍ୟକ ପଡିବ, ସେପରି ସ୍ଥଳରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସେବାପ୍ରଦାନ ବା କୋଚିଂ କେନ୍ଦ୍ରମାନଙ୍କ ସହ ସମନ୍ୱୟ ରକ୍ଷା କରି ଅନୁଷ୍ଠାନ ଭିତରେ ସ୍କୁଲ୍ ପିଲାମାନଙ୍କ ପାଇଁ ଅତିରିକ୍ତ କୋଚିଂର ବ୍ୟବସ୍ଥା କରିବାକୁ ପଡିବ ।

## ୪୮. ବୈଷୟିକ ତାଲିମ୍-

(ଏ) ପ୍ରତି ଅନୁଷ୍ଠାନ କିଶୋର ବା ବାଳୁତମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ବୈଷୟିକ ତାଲିମ୍ ଯୋଗଇ ଦେବେ ।

(ବି) ଅନୁଷ୍ଠାନମାନେ ବୈଷୟିକ ଶିକ୍ଷଣ ପ୍ରତିଷ୍ଠାନ, ଜନ ଶିକ୍ଷଣ ସଂସ୍ଥାନ, ସବିଶେଷ ଜ୍ଞାନ ଥିବା ସରକାରୀ ଓ ବେସରକାରୀ ଉଦ୍ୟୋଗସମୂହ ଏବଂ କର୍ମସଂସ୍ଥାନ ଯୋଗାଣ ସଂସ୍ଥାମାନଙ୍କ ସହ ନେଟ୍‌ୱାର୍କିଂ କରିବେ ।

## ୪୯. ମନୋରଞ୍ଜନ ପାଇଁ ସୁଯୋଗମାନ-

(୧) ଦିଗ୍‌ଦର୍ଶକଙ୍କ ତତ୍ତ୍ୱାବଧାନରେ ମନୋରଞ୍ଜନ ପାଇଁ ସୁଯୋଗମାନ ଅନୁଷ୍ଠାନରେ ଥିବା ସମସ୍ତ କିଶୋର ବା ବାଳୁତମାନଙ୍କୁ ଯୋଗାଇ ଦିଆଯିବ ।

(୨) ସେଥିରେ ଭିତରେ ଅନ୍ତର୍ଭୁକ୍ତ ହେବ ଅନ୍ତର୍ଗୃହ ଖେଳ, ସଂଗୀତ, ଟେଲିଭିଜନ୍, ବଣଭୋଜୀ ଏବଂ ବହିର୍ଭ୍ରମଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପାଠାଗାର ।

**୫୦. ଅନୁଷ୍ଠାନ ସ୍ତରରେ କିଶୋର ବା ବାଳୁତମାନଙ୍କୁ ପରିଚାଳନା-**

(୧) ନବାଗତ କିଶୋରମାନଙ୍କ କ୍ଷେତ୍ରରେ ନିମ୍ନୋକ୍ତ କାର୍ଯ୍ୟପଦ୍ଧତି ଅବଲମ୍ବନ କରାଯିବ:

(ଏ) ଭର୍ତ୍ତି କରିବା ଏବଂ ତଲାସି ନେବା;

(ବି) ରୋଗାଣୁନାଶ କରିବା ଏବଂ ସଂପୃକ୍ତ କିଶୋରର ବ୍ୟକ୍ତିଗତ ଜିନିଷ ଏବଂ ଅନ୍ୟ ମୂଲ୍ୟବାନ ଜିନିଷକୁ ସାଇତି ରଖିବାର ବ୍ୟବସ୍ଥା କରିବା;

(ସି) ସ୍ନାନ କରାଇବା ଏବଂ ବାଳ କଟେଇବା (ଯଦି ଧର୍ମ ଦ୍ୱାରା ନିଷିଦ୍ଧ ନଥାଏ) ;

(ଡି) ଶୌଚ ସାମଗ୍ରୀ, ନୂଆ ଲୁଗାପଟା, ବିଛଣା ଏବଂ ଅନ୍ୟାନ୍ୟ ପୋଷାକ ଓ ଆସବାବପତ୍ର (ସୂଚୀତ ହାର ଅନୁଯାୟୀ) ;

(ଇ) ଆବଶ୍ୟକ ସ୍ଥଳେ ଡାକ୍ତରୀ ପରୀକ୍ଷା ଓ ଚିକିତ୍ସାର ବ୍ୟବସ୍ଥା କରିବା ଏବଂ ଯେଉଁ କିଶୋରମାନେ ସ୍ପର୍ଶ ରୋଗ ବା ସଂକ୍ରାମକ ରୋଗ, ମାନସିକ ଅସୁସ୍ଥତା ବା ନିଶାସକ୍ତିରେ ପୀଡିତ ବୋଲି ଆଶଙ୍କା ଜାତ ହେବ, ସେଭଳି ପ୍ରତି କିଶୋରମାନଙ୍କ ପାଇଁ ଡାକ୍ତରୀ ପରୀକ୍ଷା ଓ ଚିକିତ୍ସାର ବ୍ୟବସ୍ଥା କରିବା ;

(ଏଫ୍) ଯେଉଁ ସ୍ଥଳେ ଜଣେ ବାଳୁତ ଡିଆଁରୋଗରେ ପୀଡିତ ହୋଇଥିବା କାରଣରୁ ସ୍ୱତନ୍ତ୍ର ଯତ୍ନ ଓ ସାବଧାନତା ଆବଶ୍ୟକ କରୁଥାଏ, ସେପରି ସ୍ଥଳେ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥିତ ହୋଇଥିବା ସମୂହ ଶୟନକକ୍ଷରେ ବା ଡାକ୍ତରଖାନାରେ ଅଲଗା ରଖିବା;

(ଜି) ସଂପୃକ୍ତ ବାଳୁତମାନଙ୍କର କେତେକ ତୁରନ୍ତ ଓ ଜରୁରୀ ଆବଶ୍ୟକତା ପ୍ରତି ଧ୍ୟାନ ଦେବା, ଯଥା ପରୀକ୍ଷାରେ ଯୋଗଦେବା, ପିତାମାତାଙ୍କୁ ସାକ୍ଷାତ ପାଇଁ ଚିଠି ଦେବା, ବ୍ୟକ୍ତିଗତ ସମସ୍ୟା ଏବଂ ପରିଷଦର ଆଦେଶ ଅନୁଯାୟୀ ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଂପୃକ୍ତ ବାଳୁତର ବୟସ ଯାଞ୍ଚ କରାଯିବା ।

(୨) ପ୍ରତି ନବାଗତ କିଶୋର ବା ବାଳୁତକୁ ଜଣେ ମାମଲା କର୍ମୀଙ୍କ ଅଧୀନରେ ନ୍ୟସ୍ତ କରାଯିବ, ଏବଂ ଏହି ମାମଲା କର୍ମୀମାନେ ଅନୁଷ୍ଠାନମାନଙ୍କ ସହ ସଂପୃକ୍ତ ପରିବୀକ୍ଷା ଅଧିକାରୀ ବା ବାଳୁତ କଲ୍ୟାଣ ଅଧିକାରୀ ବା ସମାଜ କର୍ମୀ ବା ପରାମର୍ଶଦାତା ବା ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟରତ ସମାଜ କର୍ମୀ ବା ପରାମର୍ଶଦାତା ହୋଇପାରନ୍ତି ।

(୩) ପ୍ରତି ନବାଗତ କିଶୋରକୁ ଅନୁଷ୍ଠାନ ଏବଂ ଏହାର କାର୍ଯ୍ୟାବଳୀ ସହ ଘନିଷ୍ଠ ଭାବେ ପରିଚିତ କରାଇବାକୁ ପଡିବ ଏବଂ ତାକୁ ନିମ୍ନୋକ୍ତ ବିଷୟରେ ଅଭ୍ୟସ୍ତ କରାଯିବ :

(ଏ) ନିଜର ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା ଓ ପରିମଳ ;

(ବି) ଅନୁଷ୍ଠାନର ଶୃଙ୍ଖଳାବିଧି ଏବଂ ବ୍ୟବହାରର ବିଧିବିଧାନ, ବରିଷ୍ଠ ଓ ଶିକ୍ଷକଙ୍କ ପ୍ରତି ସମ୍ମାନ;

(ସି) ଦୈନିକ କାର୍ଯ୍ୟନିର୍ଘଣ୍ଟ, ନିଜନିଜ ଭିତରେ ଆଳାପ, ବିକାଶ ପାଇଁ ଉପଲବ୍ଧ ଥିବା ସୁଯୋଗସମୂହର ସର୍ବୋତ୍ତମ ଉପଯୋଗ ; ଏବଂ

(ଡି) ଅନୁଷ୍ଠାନ ଭିତରେ ଅଧିକାରସମୂହ, ଦାୟିତ୍ୱ ଏବଂ କର୍ତ୍ତବ୍ୟସମୂହ ।

(୪) ପଦନାମିତ ଅଧିକାରୀ ପ୍ରବେଶ ରେଜିଷ୍ଟର୍‌ରେ ସଂପୃକ୍ତ କିଶୋର ବା ବାଳୁତର ନାମ ଦରଜ କରାଇବେ ଏବଂ ତା ପାଇଁ ଉପଯୁକ୍ତ ରହଣି ବ୍ୟବସ୍ଥା କରିବେ ।

(୫) ସେହି କିଶୋରର ଫଟୋଗ୍ରାଫ୍ ତୁରନ୍ତ ଉତ୍ତୋଳନ କରାଯିବ ଏବଂ ଏହାକୁ ଏକ ରେକର୍ଡ ରୂପେ ସାଇତି ରଖାଯିବ ଏବଂ ସେହି କିଶୋର ବା ବାଳୁତ ଯେଉଁ ବ୍ୟକ୍ତିଙ୍କର ନାମ ସୂଚାଇଥିବେ, ତାଙ୍କ ବିଷୟରେ ସଂପୃକ୍ତ ମାମଲା କର୍ମୀ ବା ପରିବୀକ୍ଷା ଅଧିକାରୀ ବା କଲ୍ୟାଣ ଅଧିକାରୀ ଅନୁସନ୍ଧାନ ଆରମ୍ଭ କରିବେ ଏବଂ ତାଙ୍କ ସହିତ ଯୋଗାଯୋଗ ଆରମ୍ଭ କରିବେ ।

(୬) ଭାରପ୍ରାପ୍ତ ଅଧିକାରୀ ଏହା ସୁନିଶ୍ଚିତ କରିବେ ଯେ, ସେହି କିଶୋର ବା ବାଳକତର ଯେଉଁ ବ୍ୟକ୍ତିଗତ ଜିନିଷପତ୍ରକୁ ଅନୁଷ୍ଠାନ ନିକଟରେ ଦାଖଲ କରାଯାଇଛି, ତାହାକୁ ନିରାପଦ ହେପାଜତ୍‌ରେ ରଖାଯିବ ଏବଂ ବ୍ୟକ୍ତିଗତ ଜିନିଷପତ୍ର ରେଜିଷ୍ଟର୍‌ରେ ଦରଜ କରାଯିବ ଏବଂ ସେ ଅନୁଷ୍ଠାନରୁ ବିଦାୟ ନେବାବେଳେ ସେସବୁକୁ ତାକୁ ଫେରାଇ ଦିଆଯିବ ।

(୭) ଜଣେ କିଶୋରୀ ବା ବାଳିକାକୁ ଜନୈକ ମହିଳା କର୍ମଚାରୀଙ୍କ ଦ୍ୱାରା ତଲାସ କରାଯିବ ଏବଂ ସେତେବେଳେ ସେହି କିଶୋରୀ ବା ବାଳିକାର ଶାଳୀନତା ଓ ମର୍ଯ୍ୟାଦା ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯିବ ।

(୮) ଭର୍ତ୍ତି ହୋଇଥିବା କିଶୋରର ଶିକ୍ଷାର ସ୍ତର ଏବଂ ବୈଷୟିକ ଶିକ୍ଷା ପ୍ରତି ଆଗ୍ରହକୁ ଜଣେ ଶିକ୍ଷକ, କର୍ମଶାଳା ତତ୍ତ୍ୱାବଧାରକ ଏବଂ ଅନ୍ୟ ବୈଷୟିକ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ପରୀକ୍ଷା ଏବଂ ସାକ୍ଷାତକାର ଭିତ୍ତିରେ ଆକଳନ କରାଯାଇ ପାରେ ଏବଂ ଏହି ପରିପ୍ରେକ୍ଷୀରେ ବାହାରର ବିଶେଷଜ୍ଞବୃନ୍ଦ ଏବଂ ଜନ କଲ୍ୟାଣ ସଂସ୍ଥାସମୂହ, ମନସ୍ତତ୍ତ୍ୱବିଦ୍, ମାନସିକ ଚିକିତ୍ସାବିତ୍, ବାଳକତ ପରାମର୍ଶ କେନ୍ଦ୍ର, ଚିକିତ୍ସା କେନ୍ଦ୍ର ଏବଂ ସ୍ଥାନୀୟ ଡାକ୍ତର, ମୁକ୍ତ ବିଦ୍ୟାଳୟ ବା ଜନ କଲ୍ୟାଣ ସଂସ୍ଥାନ ସହିତ ସଂଯୋଜନା ପ୍ରତିଷ୍ଠା କରାଯାଇ ପାରେ ।

(୯) ଅନୁଷ୍ଠାନରେ ଭର୍ତ୍ତି ହୋଇଥିବା ଜଣେ କିଶୋର ବା ବାଳକତର ମାମଲା ଇତିବୃତ୍ତି **ଫର୍ମ- ୨୦**ରେ ଲିପିବଦ୍ଧ ହେବ, ଏବଂ ଏଥିରେ ଅନ୍ତର୍ଭୁକ୍ତ ହେବ ତା'ର ସାମାଜିକ-ସାଂସ୍କୃତିକ ଏବଂ ଆର୍ଥିକ ପୃଷ୍ଠଭୂମି ସମ୍ବନ୍ଧରେ ସୂଚନାବଳୀ ଏବଂ ଏହି ସୂଚନାବଳୀକୁ ତା'ର ପରିବାର, ପିତାମାତା ବା ଅଭିଭାବକ, ନିଯୁକ୍ତିଦାତା, ସ୍କୁଲ୍, ସାଙ୍ଗସାଥୀ ଏବଂ ଜନସଂପ୍ରଦାୟ ସମେତ ସମସ୍ତ ସମ୍ଭାବ୍ୟ ଏବଂ ଉପଲବ୍ଧ ସୂତ୍ର ମାଧ୍ୟମରେ ସଂଗ୍ରହ କରାଯିବ ।

(୧୦) ବର୍ତ୍ତମାନ କାର୍ଯ୍ୟରତ ଥିବା ସରକାରୀ ଏବଂ ସ୍ୱେଚ୍ଛାସେବୀ କଲ୍ୟାଣ ସଂଗଠନମାନଙ୍କ ନିବିଡ ସହଯୋଗରେ ପ୍ରତି ଅନୁଷ୍ଠାନ ସ୍ୱତନ୍ତ୍ର ଗୃହରୁ ସଂପୃକ୍ତ କିଶୋରର ପ୍ରାକ୍-ଖଲାସ ଯୋଜନା ଏବଂ ପରବର୍ତ୍ତୀ ପର୍ଯ୍ୟାୟ ସମ୍ବନ୍ଧରେ ଏକ ସୁଚିନ୍ତିତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବେ ।

(୧୧) ଯେଉଁସ୍ଥଳେ ଜଣେ କିଶୋର ବା ବାଳକତ ବିନା ଅନୁମତିରେ ଅନୁଷ୍ଠାନରୁ ପଳାଇଯାଇଥାଏ ବା ଅନୁଷ୍ଠାନ ଭିତରେ ଏକ ଅପରାଧ ଘଟାଇଥାଏ, ସେ ସମ୍ବନ୍ଧରେ ସୂଚନାକୁ ସଂପୃକ୍ତ ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀ ପୋଲିସ୍ ଏବଂ ଯଦି ପରିବାର ଜଣାଥାଏ ତେବେ ତାଙ୍କ ନିକଟକୁ ପଠାଇବେ, ଏବଂ ଯେଉଁସ୍ଥଳେ ଜଣେ କିଶୋର ବା ବାଳକତ ନିଖୋଜ ହୋଇଯାଇଥାଏ, ସେପରି ସ୍ଥଳେ ଯେଉଁ ପରିସ୍ଥିତିରେ ସେ ନିଖୋଜ ହୋଇଛି, ତହିଁର ସବିଶେଷ ବିବରଣ ସହିତ ଯେଉଁସ୍ଥାନରୁ ସେ ନିଖୋଜ ହୋଇଥିବ, ସେଠାରୁ ତାକୁ ଖୋଜି ବାହାର କରିବା ପାଇଁ ଗ୍ରହଣ କରାଯାଇଥିବା ପ୍ରଚେଷ୍ଟା ସମ୍ବନ୍ଧରେ ସୂଚନାକୁ ଯଥାସ୍ଥିତି ପରିଷଦ ବା କମିଟିଙ୍କ ନିକଟକୁ ପଠାଯିବ ।

(୧୨) ଅନୁଷ୍ଠାନର ଯତ୍ନ ଅଧୀନରେ ଥିବା ପ୍ରତି କିଶୋର ବା ବାଳକତ ପାଇଁ ଯେପରି ଥଇଥାନ ଏବଂ ପୁନଃ-ସଂହତି ହାସଲ କରାଯାଇପାରେ, ସେହି ଚୂଡାନ୍ତ ଲକ୍ଷ୍ୟ ନେଇ ତା'ର ମାମଲା ଇତିବୃତ୍ତି, ପରିସ୍ଥିତିସମୂହ ଏବଂ ବ୍ୟକ୍ତିଗତ ପ୍ରୟୋଜନସମୂହକୁ ଆଧାର କରି ଗୋଟିଏ ଲେଖାଁ ବ୍ୟକ୍ତି-ସ୍ତରୀୟ ଯତ୍ନ-ନିର୍ବାହ ଯୋଜନା ପ୍ରସ୍ତୁତ କରାଯିବ, ଏବଂ ଏହି ବ୍ୟକ୍ତି-ସ୍ତରୀୟ ଯତ୍ନ ଯୋଜନା ନିମ୍ନୋକ୍ତ ମାର୍ଗଦର୍ଶୀକା ଉପରେ ଆଧାରିତ ହେବ –

(ଏ) ଜଣେ ବାଳକତ ଅନୁଷ୍ଠାନରେ ଭର୍ତ୍ତି ହେବାର ମାସକ ଭିତରେ ଭାରପ୍ରାପ୍ତ ଅଧିକାରୀ ଓ ପରାମର୍ଶଦାତା ବାଳକତ କଲ୍ୟାଣ ଅଧିକାରୀ ବା ମାମଲା କର୍ମୀଙ୍କ ସହିତ ସେହି ବାଳକତ ପାଇଁ **ଫର୍ମ-୨୧**ରେ ଏକ ବ୍ୟକ୍ତି-ସ୍ତରୀୟ ଯତ୍ନ ନିର୍ବାହ ଯୋଜନା ପ୍ରସ୍ତୁତ କରିବେ ;

(ବି) ପ୍ରତି ଯତ୍ନ-ନିର୍ବାହ ଯୋଜନାରେ ସଂପୃକ୍ତ କିଶୋର ବା ବାଳୁତର ପୁନର୍ମିଳନ, ଥଇଥାନ, ପୁନଃ-ସଂହତି ଏବଂ ପରବର୍ତ୍ତୀ ପର୍ଯ୍ୟାୟ ସମ୍ବନ୍ଧରେ ଯୋଜନା ଅନ୍ତର୍ଭୁକ୍ତ ରହିବ;

(ସି) ଖଲାସ ବା ପରିବାର ସହିତ ପୁନର୍ମିଳନ ବା ପାଳକ ଯତ୍ନ ବା ପୋଷ୍ୟତା ଭଳି ବିଭିନ୍ନ ବିକଳ୍ପ ସମେତ ସମୁଚିତ ବିକାଶ ଓ ଥଇଥାନର ଉଦ୍ଦେଶ୍ୟ ସାଧନ ପାଇଁ ପ୍ରତି ଯତ୍ନ-ନିର୍ବାହ ଯୋଜନା ଏହି ନିୟମାବଳୀର ନିୟମ ୫୫ ଅଧୀନରେ ପ୍ରତିଷ୍ଠିତ ହୋଇଥିବା ପରିଚାଳନା କମିଟି ଦ୍ୱାରା ପ୍ରତି ତିନିମାସରେ ଥରେ ସମୀକ୍ଷା କରାଯିବ;

(ଡି) ଯତ୍ନନିର୍ବାହ ଯୋଜନା ନିରୂପଣ କଲାବେଳେ ସଂପୃକ୍ତ କିଶୋର ବା ବାଳୁତ ସହିତ ପରାମର୍ଶ କରାଯିବ ;

(ଇ) ଯତ୍ନ-ନିର୍ବାହ ଯୋଜନା ସହିତ ଅନୁରୂପତାକୁ ବଜାୟ ରଖି ସ୍ଥାନାନ୍ତର ବା ସ୍ୱ-ସ୍ଥାନକୁ ପ୍ରତ୍ୟର୍ପଣ ବା ପୁନର୍ମିଳନକୁ କାର୍ଯ୍ୟରୂପ ଦିଆଯିବ ।

**୫୧. ନିଷିଦ୍ଧ ସାମଗ୍ରୀମାନ-**

କୌଣସି ବ୍ୟକ୍ତି ଅନୁଷ୍ଠାନ ଭିତରକୁ ନିମ୍ନ-ସୂଚୀତ ନିଷିଦ୍ଧ ସାମଗ୍ରୀମାନ ଆଣି ପାରିବେ ନାହିଁ, ଯଥା-

(ଏ) ଲାଇସେନ୍ସ ଯୋଗ୍ୟ ହୋଇଥାଉ ବା ନହୋଇଥାଉ, କୋଣସି ଆଗ୍ନେୟାସ୍ତ୍ର ବା ଅନ୍ୟ କୌଣସି ଅସ୍ତ୍ରଶସ୍ତ୍ର (ଯଥା, ଛୁରି, ବ୍ଲେଡ୍, ଲାଠି, ବର୍ଚ୍ଛା ଏବଂ ଖଣ୍ଡା);

(ବି) ଯେ କୌଣସି ପ୍ରକାରର ଆଲ୍‌କହଲ୍ ଏବଂ ସ୍ପିରିଟ୍ ;

(ସି) ଭାଙ୍ଗ, ଗଞ୍ଜେଇ, ଅଫିମ ବା ଅନ୍ୟ କୌଣସି ନିଶାକାରକ ବା ତନ୍ଦ୍ରାକାରକ ସାମଗ୍ରୀ ;

(ଡି) ତମାଖୁ; ବା

(ଇ) ଅନ୍ୟ କୌଣସି ସାମଗ୍ରୀ, ଯାହାକି ଏହି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ସାଧାରଣ ବା ସ୍ୱତନ୍ତ୍ର ବିଜ୍ଞପ୍ତି ବଳରେ ବିନିର୍ଦ୍ଦିଷ୍ଟ କରାଯାଇଥିବ ।

**୫୨. ତଲାସି ଏବଂ ନିରୀକ୍ଷଣ ବେଳେ ପ୍ରାପ୍ତ ସାମଗ୍ରୀମାନ-**

(୧) ଭାରପ୍ରାପ୍ତ ଅଧିକାରୀ ଏହା ସୁନିଶ୍ଚିତ କରିବେ ଯେ, ଅନୁଷ୍ଠାନରେ ଦାଖଲ ହେଉଥିବା ପ୍ରତି କିଶୋରକୁ ତଲାସ କରାଯିବ, ତା'ର ବ୍ୟକ୍ତିଗତ ଜିନିଷପତ୍ରକୁ ନିରୀକ୍ଷଣ କରାଯିବ ଏବଂ ତା'ପାଖରୁ ମିଳିଥିବା ଟଙ୍କାପଇସା ବା ଦାମିକା ଜିନିଷ ଭାରପ୍ରାପ୍ତ ଅଧିକାରୀଙ୍କ ନିରାପଦ ହେପାଜତ୍‌ରେ ସାଇତା ଯିବ ।

(୨) ବାଳିକାମାନଙ୍କୁ ମହିଳା କର୍ମଚାରୀଙ୍କ ଦ୍ୱାରା ତଲାସ କରାଯିବ ଏବଂ ଉଭୟ ବାଳିକା ଓ ବାଳକମାନଙ୍କୁ ତଲାସ କଲାବେଳେ ଶାଳୀନତା ଓ ମର୍ଯ୍ୟାଦା ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯିବ ।

(୩) ପ୍ରତି ଅନୁଷ୍ଠାନରେ ଏକ 'ବ୍ୟକ୍ତିଗତ ଜିନିଷପତ୍ର ରେଜିଷ୍ଟର୍' ଅନୁରକ୍ଷିତ ହେବ, ଯେଉଁଥିରେ ସଂପୃକ୍ତ କିଶୋର ନିକଟରୁ ମିଳିଥିବା ଟଙ୍କାପଇସା, ଦାମିକା ଜିନିଷ ଏବଂ ଅନ୍ୟ ସାମଗ୍ରୀ ବିଷୟରେ ସୂଚନା ଲିପିବଦ୍ଧ ରହିବ ।

(୪) ପ୍ରତି କିଶୋର ପରିପ୍ରେକ୍ଷୀରେ 'ବ୍ୟକ୍ତିଗତ ଜିନିଷପତ୍ର ରେଜିଷ୍ଟର୍'ରେ ଯାହାକିଛି ସୂଚନା ଦରଜ କରାଯିବ, ତାହା ଜଣେ ସାକ୍ଷୀଙ୍କ ଉପସ୍ଥିତିରେ ପଢି ଶୁଣେଇ ଦିଆଯିବ, ଏବଂ ଉକ୍ତ ସୂଚନା ନିର୍ଭୁଲ୍ ବୋଲି ଦର୍ଶାଇବାର ସଙ୍କେତ ସ୍ୱରୂପ ସେ ସେଥିରେ ନିଜର ସ୍ୱାକ୍ଷର ପ୍ରଦାନ କରିବେ ଏବଂ ତାହା ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସହ-ସ୍ୱାକ୍ଷରିତ ହେବ ।

## ୫୩. ଜିନିଷପତ୍ରଗୁଡିକର ନିକାଶ -

ଜଣେ କିଶୋର ନିକଟରୁ ମିଳିଥିବା ଟଙ୍କାପଇସା ବା ଦାମିକା ଜିନିଷ, ଯାହକି ଅନୁଷ୍ଠାନରେ ଦାଖଲ ହେବା ପରେ ସାଇତା ରଖାଯାଇଥାଏ ନିମ୍ନୋକ୍ତ ରୀତିରେ ନିକାଶ କରାଯିବ, ଯଥା-

(ଏ) ଜଣେ କିଶୋରକୁ ଗୋଟିଏ ଅନୁଷ୍ଠାନକୁ ପଠାଇବା ପାଇଁ ସଂପୃକ୍ତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଆଦେଶ ଜାରି କରିବା ପରେ, ଉକ୍ତ ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀ ସମୟାନ୍ତରରେ ବିଜ୍ଞାପିତ ହେଉଥିବା ରୀତିରେ ସେହି କିଶୋରର ଟଙ୍କାପଇସା ସହିତ ବିକ୍ରୀ ଲବ୍‌ଧ ଅର୍ଥରାଶିକୁ କିଶୋର ନାମରେ ଜମା ରଖିବେ ;

(ବି) ସଂପୃକ୍ତ କିଶୋରର ଟଙ୍କାପଇସା ଭାରପ୍ରାପ୍ତ ଅଧିକାରୀଙ୍କ ନିକଟରେ ଏବଂ ତା'ର ଦାମିକା ଜିନିଷପତ୍ର, ଲୁଗାପଟା, ବିଛଣାପତ୍ର ଏବଂ ଅନ୍ୟ ସାମଗ୍ରୀ ନିରାପଦ ହେପାଜତ୍ ଅଧୀନରେ ଜମା ରହିବ;

(ସି) ଯେଉଁସ୍ଥଳେ ଜଣେ କିଶୋରକୁ ଗୋଟିଏ ଅନୁଷ୍ଠାନରୁ ଅନ୍ୟ ଗୋଟିଏ ଅନୁଷ୍ଠାନକୁ ସ୍ଥାନାନ୍ତର କରାଯିବ, ସେପରି ସ୍ଥଳେ ତା'ର ସମସ୍ତ ଟଙ୍କାପଇସା, ଦାମିକା ଜିନିଷପତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ତଥା ତତ୍ ସହିତ ସେସବୁର ଆକଳିତ ମୂଲ୍ୟ ସମ୍ବନ୍ଧରେ ଏକ ସଂପୂର୍ଣ୍ଣ ଓ ସଠିକ୍ ବିବୃତ୍ତିକୁ କିଶୋର ସହିତ ସେହି ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀଙ୍କ ନିକଟକୁ ପଠାଇ ଦିଆଯିବ, ଯେଉଁ ଅନୁଷ୍ଠାନକୁ ତାକୁ ସ୍ଥାନାନ୍ତର କରାଯାଉଛି ;

(ଡି) ଉକ୍ତ କିଶୋରକୁ ଖଲାସ କଲାବେଳେ ନିରାପଦ ହେପାଜତ୍‌ରେ ସାଇତା ହୋଇଥିବା ଦାମିକା ଜିନିଷପତ୍ର ଏବଂ ଅନ୍ୟ ସାମଗ୍ରୀ ତଥା କିଶୋର ନାମରେ ଜମା ଥିବା ଅର୍ଥରାଶିକୁ ଯଥାସ୍ଥିତି ପିତାମାତା ବା ଅଭିଭାବକଙ୍କୁ ହସ୍ତାନ୍ତର କରାଯିବ ଏବଂ ଏହି ବିଷୟରେ ଏକ ସୂଚନା ରେଜିଷ୍ଟର୍‌ରେ ଦରଜ କରାଯିବ ଏବଂଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ତାହା ସ୍ୱାକ୍ଷରିତ ହେବ ;

(ଇ) ଯେଉଁସ୍ଥଳେ ଜଣେ କିଶୋର ମୃତ୍ୟୁ ବରଣ କରିବ, ସେପରି ସ୍ଥଳେ ସେ ଛାଡିଯାଇଥିବା ଦାମିକା ଜିନିଷପତ୍ର ଏବଂ ଅନ୍ୟ ସାମଗ୍ରୀ ତଥା ତା' ନାମରେ ଜମା ଥିବା ଅର୍ଥରାଶିକୁ ଭାରପ୍ରାପ୍ତ ଅଧିକାରୀ ସେପରି ବ୍ୟକ୍ତିଙ୍କୁ ହସ୍ତାନ୍ତର କରିବେ, ଯେ କି ସେଥି ପ୍ରତି ନିଜର ଦାବୀ ସାବ୍ୟସ୍ତ କରିପାରିବେ ଏବଂ ଯେ କି ଏକ ବିମୁକ୍ତି ଚୁକ୍ତିନାମା ସମ୍ପାଦନ କରିବେ ;

(ଏଫ୍) ଉକ୍ତ ବ୍ୟକ୍ତି ଉପରୋକ୍ତ ମତେ ଦାମିକା ଜିନିଷପତ୍ର ଏବଂ ଅନ୍ୟ ସାମଗ୍ରୀମାନ ତଥା ଅର୍ଥରାଶି ଗ୍ରହଣ କରିଛନ୍ତି ବୋଲି ତାଙ୍କ ଠାରୁ ଏକ ରସିଦ୍ ରଖାଯିବ ;

(ଜି) ଯେଉଁସ୍ଥଳେ କିଶୋରର ମୃତ୍ୟୁ ବା ପଳାୟନ ତାରିଖର ଛ ମାସ ଭିତରେ କୌଣସି ଦାବୀଦାର୍ ସାମନାକୁ ଆସନ୍ତି ନାହିଁ, ସେପରି ସ୍ଥଳେ ଦାମିକା ଜିନିଷପତ୍ର ଏବଂ ଅନ୍ୟ ସାମଗ୍ରୀମାନ ତଥା ଅର୍ଥରାଶିକୁ ସେଭଳି ରୀତିରେ ନିକାଶ କରାଯିବ, ଯାହାକି ଏହି ନିୟମାବଳୀର ନିୟମ ୫୫ ଅଧୀନରେ ଗଠିତ ପରିଚାଳନା କମିଟି ଦ୍ୱାରା ସ୍ଥିର କରାଯିବ ।

## ୫୪. ମାମଲା ଫାଇଲ୍‌ର ଅନୁରକ୍ଷଣ-

(୧) ଅନୁଷ୍ଠାନରେ ପ୍ରତି କିଶୋର ଏବଂ ବାଳୁତ ସମ୍ବନ୍ଧରେ ନିମ୍ନୋକ୍ତ ସୂଚନାବଳୀକୁ ସମ୍ବଳିତ କରି ମାମଲା ଫାଇଲ୍ ଅନୁରକ୍ଷିତ ହେବ :

(ଏ) ପରିଷଦ ସମ୍ମୁଖରେ କିଶୋରକୁ ହାଜର କରାଇଥିବା ବ୍ୟକ୍ତି ବା ସଂସ୍ଥାଙ୍କ ଦ୍ୱାରା ଏକ ରିପୋର୍ଟ ;

(ବି) ଭାରପ୍ରାପ୍ତ ଅଧିକାରୀ, ପରିବୀକ୍ଷା ଅଧିକାରୀ ବା ବାଳୁତ କଲ୍ୟାଣ ଅଧିକାରୀ, ପରାମର୍ଶଦାତା ଏବଂ ମାମଲା କର୍ମୀଙ୍କ ଦ୍ୱାରା ରିପୋର୍ଟ ;

(ସି) ପୂର୍ବ ଅନୁଷ୍ଠାନ ନିକଟରୁ ରିପୋର୍ଟ ;

(ଡି) କିଶୋର ସହିତ ପ୍ରାଥମିକ କଥାବାର୍ତ୍ତାର ରିପୋର୍ଟ, ପରିବାରର ସଦସ୍ୟ, ସଂପର୍କୀୟ, ସଂପ୍ରଦାୟ ଓ ସାଙ୍ଗସାଥୀଙ୍କ ଠାରୁ ମିଳିଥିବା ସୂଚନା ତଥା ବିବିଧ ସୂଚନା ;

(ଇ) ମିଳିବାକୁ ଥିବା ଅତିରିକ୍ତ ସୂଚନାର ଉତ୍ସ ;

(ଏଫ୍) କର୍ମଚାରୀମାନଙ୍କର ପର୍ଯ୍ୟବେକ୍ଷଣ ସମ୍ବନ୍ଧୀତ ରିପୋର୍ଟ ;

(ଜି) ସ୍ୱାସ୍ଥ୍ୟାବସ୍ଥା ସମ୍ବନ୍ଧରେ ଚିକିତ୍ସା ଅଧିକାରୀଙ୍କ ଠାରୁ ମିଳିଥିବା ନିୟମିତ ରିପୋର୍ଟ; ନିଶାମୁକ୍ତି କ୍ଷେତ୍ରରେ ଅଗ୍ରଗତି ରିପୋର୍ଟ ; ଆବଶ୍ୟକ ସ୍ଥଳେ ମନସ୍ତାତ୍ତ୍ୱିକ ପରାମର୍ଶ ବା ମାନସିକ ସ୍ୱାସ୍ଥ୍ୟ ପାଇଁ ଅନ୍ୟ କୌଣସି ପଦକ୍ଷେପ ପରିପ୍ରେକ୍ଷୀରେ ଅଗ୍ରଗତି ରିପୋର୍ଟ ;

(ଏଚ୍) ବୁଦ୍ଧିମତ୍ତାର ସ୍ତର ଉପରେ ପରୀକ୍ଷା, ଆଗ୍ରହ ବିଷୟରେ ପରୀକ୍ଷା, ଶିକ୍ଷାଗତ ବା ବୈଷୟିକ ପରୀକ୍ଷା;

(ଆଇ) ସାମାଜିକ ଇତିବୃତ୍ତି ;

(ଜେ) ମାମଲା କର୍ମୀ ଓ ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ସାରାଂଶ ଏବଂ ବିଶ୍ଳେଷଣ ;

(କେ) ପ୍ରଶିକ୍ଷଣ ଏବଂ ଚିକିତ୍ସା କାର୍ଯ୍ୟକ୍ରମ ତଥା କେତେକ ବିଷୟରେ ଅତିରିକ୍ତ ସାବଧାନତା ରକ୍ଷାର ଆବଶ୍ୟକତା ସଂବନ୍ଧରେ ନିର୍ଦ୍ଦେଶାବଳୀ ;

(ଏଲ୍) ମଞ୍ଜୁର ହୋଇଥିବା ଛୁଟି ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ;

(ଏମ୍) ବିଶେଷ କୃତିତ୍ୱମାନ ଏବଂ ଯଦି କେବେ ନିୟମାବଳୀର ଉଲ୍ଲଂଘନ କରିଥାଏ ;

(ଏନ୍) ତ୍ରୈମାସିକ ଅଗ୍ରଗତି ରିପୋର୍ଟସମୂହ ;

(ଓ) **ଫର୍ମ ୨୧**ରେ ବିହିତ ହୋଇଥିବା ମତେ ପ୍ରାକ୍-ଖଲାସ କାର୍ଯ୍ୟକ୍ରମ, ଖଲାସ-ଉତ୍ତର ଯୋଜନା ଏବଂ ପରବର୍ତ୍ତୀ ପର୍ଯ୍ୟାୟର ଯୋଜନା ସମେତ ବ୍ୟକ୍ତି-ସ୍ତରୀୟ ଯତ୍ନ ନିର୍ବାହ ଯୋଜନା ;

(ପି) ଅନୁପସ୍ଥିତ ରହିବା ପାଇଁ ଅନୁମତି ବା ତତ୍ତ୍ୱାବଧାନ ଅଧୀନରେ ଖଲାସ ;

(କ୍ୟୁ) ଚୂଡ଼ାନ୍ତ ଖଲାସ ;

(ଆର୍) ପରବର୍ତ୍ତୀ ପର୍ଯ୍ୟାୟକୁ ଅନୁଧାବନ କରିବାର ରିପୋର୍ଟସମୂହ ;

(ଏସ୍) ବାର୍ଷିକ ଫଟୋଗ୍ରାଫ୍ ;

(ଟି) ବିହିତ ହୋଇଥିବା ମତେ **ଫର୍ମ-୨୦**ରେ ମାମଲାର ଇତିବୃତ୍ତିକୁ ସ୍ଥାନିତ କରିବା ;

(ୟୁ) ଯଦି କୌଣସି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ନିର୍ଦ୍ଦେଶନା ଦେଇଥାନ୍ତି ତେବେ ତଦନୁଯାୟୀ ଖଲାସ ପରବର୍ତ୍ତୀ ପର୍ଯ୍ୟାୟରେ ସଂପୃକ୍ତ ମାମଲାର ଅନୁଧାବନ ରିପୋର୍ଟ ; ଏବଂ

(ଭି) ମନ୍ତବ୍ୟସମୂହ ।

(୨) ଅନୁଷ୍ଠାନସମୂହ ଏବଂ ପରିଷଦ ବା କମିଟି ଦ୍ୱାରା ଅନୁରକ୍ଷିତ ସମସ୍ତ ମାମଲା ଫାଇଲ୍‌କୁ ଯଥାସମ୍ଭବ କମ୍ପ୍ୟୁଟରୀକରଣ ଓ ନେଟ୍‌ୱ୍ୟାର୍କ କରିବାକୁ ପଡିବ, ଯାହା ଫଳରେ ରାଜ୍ୟ ଏବଂ ଜିଲ୍ଲା ବାଳୁତ ସୁରକ୍ଷା ଶାଖା ତଥା ରାଜ୍ୟ ସରକାରଙ୍କୁ ସଂପୃକ୍ତ ତଥ୍ୟାବଳୀ ଗୋଟିଏ କେନ୍ଦ୍ରରୁ ଉପଲବ୍ଧ ହୋଇପାରିବ ।

**୫୫. ପରିଚାଳନା କମିଟି-**

(୧) ଅନୁଷ୍ଠାନର ପରିଚାଳନା ପାଇଁ ତଥା ପ୍ରତି କିଶୋର ଓ ବାଳୁତର ଅଗ୍ରଗତିର ତଦାରଖ ପାଇଁ ପ୍ରତି ଅନୁଷ୍ଠାନର ଏକ ପରିଚାଳନା କମିଟି ରହିବ ।

(୨) ବ୍ୟକ୍ତି-ସ୍ତରୀୟ ଯତ୍ନ ନିର୍ବାହ ଯୋଜନାଗୁଡିକ ଅନୁଯାୟୀ ଉପଯୁକ୍ତ ଯତ୍ନ ନିର୍ବାହ ଏବଂ ଚିକିତ୍ସାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଜଣେ କିଶୋର ବା ବାଳୁତକୁ ବୟସ, ଅପରାଧର ପ୍ରକାରଭେଦ ବା ଆବଶ୍ୟକ ପଡୁଥିବା ଯତ୍ନ, ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ତଥା ଆଦେଶିତ ରହଣି ଅବଧି ଭିତ୍ତିରେ ବର୍ଗୀକରଣ କରାଯିବ ।

(୩) ପରିଚାଳନା କମିଟି ନିମ୍ନୋକ୍ତ କର୍ମକର୍ତ୍ତାଙ୍କୁ ନେଇ ଗଠିତ ହେବ :

- ଜିଲ୍ଲା ବାଳୁତ ସୁରକ୍ଷା ଅଧିକାରୀ (ଜିଲ୍ଲା ବାଳୁତ ସୁରକ୍ଷା ଶାଖା)- ଅଧ୍ୟକ୍ଷ
- ଭାରପ୍ରାପ୍ତ ଅଧିକାରୀ – ସଦସ୍ୟ-ସଚ୍ଚିବ
- ପରିବୀକ୍ଷା ଅଧିକାରୀ ବା ବାଳୁତ କଲ୍ୟାଣ ଅଧିକାରୀ ବା ମାମଲା କର୍ମୀ- ସଦସ୍ୟ
- ଚିକିତ୍ସା ଅଧିକାରୀ – ସଦସ୍ୟ
- ମନସ୍ତତ୍ତ୍ୱବିତ୍ ବା ପରାମର୍ଶଦାତା – ସଦସ୍ୟ
- କର୍ମଶାଳା ତତ୍ତ୍ୱାବଧାରକ ବା ଧନ୍ଦା ଶିକ୍ଷକ – ସଦସ୍ୟ
- ଶିକ୍ଷକ- ସଦସ୍ୟ
- କିଶୋର ନ୍ୟାୟ ପରିଷଦ ବା ବାଳୁତ କଲ୍ୟାଣ କମିଟିର ସମାଜ କର୍ମୀ ସଦସ୍ୟ- ସଦସ୍ୟ
- ପ୍ରତି ବାଳୁତ କମିଟିରୁ ଜଣେ କିଶୋର ବା ବାଳୁତ ସଦସ୍ୟ (ସମସ୍ତ ବୟସ ଗୋଷ୍ଠୀରୁ କିଶୋର ବା ବାଳୁତମାନଙ୍କର ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବା ପାଇଁ ମାସିକ ଘୂର୍ଣ୍ଣନ ଭିତ୍ତିରେ)- ସଦସ୍ୟ

(୪) ଯେଉଁସବୁ ଜିଲ୍ଲାରେ ଜିଲ୍ଲା ବାଳୁତ ସୁରକ୍ଷା ଶାଖା ଗଠିତ ହୋଇନଥିବ ସେପରି ସ୍ଥଳେ ଜିଲ୍ଲା ମାଜିଷ୍ଟ୍ରେଟ୍ ବା କଲେକ୍ଟର୍ ବା ତାଙ୍କ ଦ୍ୱାରା ମନୋନୀତ ବ୍ୟକ୍ତି ଏହି କମିଟିର ଅଧ୍ୟକ୍ଷ ରହିବେ ।

(୫) ଯେଉଁ ସ୍ଥଳେ ସ୍ୱେଚ୍ଛାସେବୀ ସଂଗଠନମାନେ ଶିକ୍ଷା, ବୈଷୟିକ ତାଲିମ୍, ମନୋସାମାଜିକ ପ୍ରଯତ୍ନ, ମାନସିକ ସ୍ୱାସ୍ଥ୍ୟ ସେବା ଏବଂ ଆଇନ୍ ସହାୟତା ଭଳି ପେଷାଦାରୀ ଏବଂ ବୈଷୟିକ ସେବାସମୂହ ଯୋଗାଣରେ ଜଡିତ ଥିବେ, ସେପରି ସ୍ଥଳେ ପରିଚାଳନା କମିଟି ଏତାଦୃଶ ସ୍ୱେଚ୍ଛାସେବୀ ସଂଗଠନମାନଙ୍କର ଜଣେ ଲେଖାଁ ପ୍ରତିନିଧିଙ୍କୁ ସ୍ୱତନ୍ତ୍ର ଅତିଥି-ସଦସ୍ୟ ରୂପେ ପରିଚାଳନା କମିଟି ବୈଠକରେ ଯୋଗଦାନ ପାଇଁ ନିମନ୍ତ୍ରଣ କରିପାରନ୍ତି ।

(୬) (ଏ) ପରିଚାଳନା କମିଟି ନିମ୍ନ ବିଷୟମାନ ବିଚାର ଓ ସମୀକ୍ଷା ପାଇଁ ମାସକୁ ଥରେ ବସିବ –

(୧) ଅନୁଷ୍ଠାନ ଭିତରେ ହେପାଜତ୍ ଯତ୍ନ ଏବଂ ସାଧାରଣ ଯତ୍ନ, ଆଶ୍ରୟ ବ୍ୟବସ୍ଥା, କାର୍ଯ୍ୟପରିସର ଏବଂ ଆବଶ୍ୟକ ପଡୁଥିବା ତଦାରଖ ବା ପଦକ୍ଷେପସମୂହ ;

(୨) ଡାକ୍ତରୀ ସୁବିଧା ଓ ଚିକିତ୍ସା ;

(୩) ଖାଦ୍ୟ, ପାଣି, ପରିମଳ ଓ ପରିଚ୍ଛନ୍ନତାର ସ୍ଥିତି ;

(୪) କିଶୋର ଓ ବାଳୁତମାନଙ୍କ କ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟ ପାଇଁ ପଦକ୍ଷେପସମୂହ ;

(୫) କିଶୋର ଓ ବାଳୁତମାନଙ୍କର ବ୍ୟକ୍ତିଗତ ସମସ୍ୟାମାନ, ଆଇନ୍ ସହାୟତା ସେବା ଯୋଗାଣ ଏବଂ ଅନୁଷ୍ଠାନ ସହିତ ସମାୟୋଜନ ତଥା ବ୍ୟକ୍ତି-ସ୍ତରୀୟ ଯତ୍ନ ନିର୍ବାହ ଯୋଜନାସମୂହର ତ୍ରୈମାସିକ ସମୀକ୍ଷା ;

(୬) ଧନ୍ଦାମୂଳକ ତାଲିମ୍ ଏବଂ କର୍ମନିଯୁକ୍ତି ପାଇଁ ସୁଯୋଗମାନ ;

(୭) ଶିକ୍ଷା ଏବଂ ଜୀବନ ସହାୟକ ଦକ୍ଷତାର ବିକାଶ କାର୍ଯ୍ୟକ୍ରମ ;

(୮) ସାମାଜିକ ସମାୟୋଜନ, ମନୋରଞ୍ଜନ, ଦଳଗତ କାର୍ଯ୍ୟକଳାପ, ମାର୍ଗଦର୍ଶନ ଏବଂ ପରାମର୍ଶ ପ୍ରଦାନ ;

(୯) କିଶୋର ଓ ବାଳୁତମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବାସସ୍ଥାନ ବ୍ୟବସ୍ଥାର ଅଗ୍ରଗତି, ସମାୟୋଜନ ଏବଂ ସଂଶୋଧନର ସମୀକ୍ଷା ;

(୧୦) ଖଲାସ ପରବର୍ତ୍ତୀ ଏବଂ ପୁନର୍ମିଳନ ପରବର୍ତ୍ତୀ ଥଇଥାନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଯୋଜନାର ପ୍ରସ୍ତୁତି ଏବଂ ଯତ୍ନୋତ୍ତର ସେବାସଂସ୍ଥା ମାନଙ୍କ ସହିତ ସହଯୋଗ କ୍ରମେ ଦୁଇବର୍ଷ ପାଇଁ ସେଗୁଡିକର ଅନୁଧାବନ କରିବା ;

(୧୧) ଖଲାସ ପୂର୍ବବର୍ତ୍ତୀ ଏବଂ ପୁନର୍ମିଳନ ପୂର୍ବବର୍ତ୍ତୀ ପର୍ଯ୍ୟାୟ ପାଇଁ ପ୍ରସ୍ତୁତି କାର୍ଯ୍ୟ ;

(୧୨) ଖଲାସ ବା ପୁନର୍ମିଳନ ;

(୧୩) ଖଲାସ ପରବର୍ତ୍ତୀ ଓ ପୁନର୍ମିଳନ ପରବର୍ତ୍ତୀ ପର୍ଯ୍ୟାୟର ସ୍ଥିତିକୁ ଅନୁଧାବନ ;

(୧୪) ଉପଲବ୍ଧ ସଂରଚନାଗତ ସୁବିଧା ଏବଂ ସେବାସମୂହ ସମେତ ଯତ୍ନ ନିର୍ବାହର ସର୍ବନିମ୍ନ ମାନଦଣ୍ଡସମୂହ ;

(୧୫) ଦୈନିକ କାର୍ଯ୍ୟନିର୍ଘଣ୍ଟ ;

(୧୬) ବାଳୁତମାନଙ୍କର ଅନ୍ତେବାସୀ ଜୀବନରେ ଶିକ୍ଷା, ବୈଷୟିକ କାର୍ଯ୍ୟକ୍ରମ, ମନୋରଞ୍ଜନ ଏବଂ ସଉକ ଇତ୍ୟାଦି ମାଧ୍ୟମରେ ଜନଜୀବନରେ ଅଂଶଗ୍ରହଣ ଏବଂ ସ୍ୱେଚ୍ଛାସେବୀ କାର୍ଯ୍ୟ ;

(୧୭) ମାସିକ ସମୀକ୍ଷା ବୈଠକଗୁଡିକରେ ଆଇନ୍ ଏବଂ ନିୟମାବଳୀ ଅଧୀନରେ ଅନୁଷ୍ଠାନ ଦ୍ୱାରା ଯେଉଁସବୁ ରେଜିଷ୍ଟର୍ ଅନୁରକ୍ଷିତ ହେବା ଆବଶ୍ୟକ, ସେଗୁଡିକ ବିଷୟରେ ତତ୍‌ପରି କରିବା, ସେଗୁଡିକୁ ଯାଞ୍ଚ କରିବା, ସତ୍ୟାପନ କରିବା ତଥା ଯଥାବିଧି ମୋହର-ଯୁକ୍ତ ଏବଂ ସ୍ୱାକ୍ଷରିତ ହୋଇଛି କି ନାହିଁ, ତାହା ଦେଖିବା ;

(୧୮) ବାଳୁତ କମିଟିଗୁଡିକ ସମ୍ବନ୍ଧୀତ ବିଷୟମାନ ;

(୧୯) ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଉତ୍‌ଥାପିତ ଅନ୍ୟ ଯେ କୌଣସି ବିଷୟ ।

(ବି) ଭାରପ୍ରାପ୍ତ ଅଧିକାରୀ ବା ବାଳୁତ କଲ୍ୟାଣ ଅଧିକାରୀ ପ୍ରତି କିଶୋର ବା ବାଳୁତର ଅଗ୍ରଗତି ସମ୍ବନ୍ଧରେ ଏକ ତ୍ରୈମାସିକ ରିପୋର୍ଟ ସଂପୃକ୍ତ ମାମଲା ଫାଇଲ୍‌ରେ ସ୍ଥାନିତ କରିବେ ତଥା ଏହାର ଏକ କିତା ନକଲ ଯଥାସ୍ଥିତି ଜିଲ୍ଲା ବାଳୁତ ସୁରକ୍ଷା ଶାଖା ବା କମିଟି ନିକଟକୁ ପଠାଇବେ ।

(୭) ପ୍ରତି ଅନୁଷ୍ଠାନରେ ପରିଚାଳନା କମିଟି ଅଭିଯୋଗ ଓ ପ୍ରତିକାର ବ୍ୟବସ୍ଥା ସ୍ଥାପନା କରିବେ ଏବଂ ଏବଂ କିଶୋର ଓ ବାଳୁତମାନଙ୍କ ପାଇଁ ସହଜ-ସୁଗମ ହେଉଥିବା ଏଭଳି ଏକ ସ୍ଥାନରେ ଗୋଟିଏ ଲେଖାଁ ପରାମର୍ଶ ବାକ୍ସ ରଖାଯିବ, ଯାହାକି ଅଫିସ୍ ଗୃହଠାରୁ ଦୂରବର୍ତ୍ତୀ ଅଥଚ ବାଳୁତମାନଙ୍କର ବାସସ୍ଥଳ ବା ଶୟନକକ୍ଷର ନିକଟବର୍ତ୍ତୀ ହୋଇଥିବ ।

(୮) (ଏ) ବାଳୁତ ପରାମର୍ଶ ବାକ୍ସର ଚାବି ପରିଚାଳନା କମିଟିର ଅଧ୍ୟକ୍ଷଙ୍କ ହେପାଜତ୍‌ରେ ରହିବ, ଏବଂ ପ୍ରତି ସପ୍ତାହରେ ସେ ବା ଜିଲ୍ଲା ବାଳୁତ ସୁରକ୍ଷା ଶାଖାରୁ ତାଙ୍କର ମନୋନୀତ ପ୍ରତିନିଧି ଏହି ବାକ୍ସକୁ ବାଳୁତ କମିଟିର ସଦସ୍ୟମାନଙ୍କ ଉପସ୍ଥିତିରେ ଯାଞ୍ଚ କରିବେ ।

(ବି) ଯଦି କୌଣସି ଏକ ସମସ୍ୟା ବା ପରାମର୍ଶ ସଂକ୍ରାନ୍ତରେ ତତ୍‌କ୍ଷଣାତ୍ ଧ୍ୟାନ ଦେବା ଜରୁରୀ ମନେହୁଏ, ତେବେ ଏ ବିଷୟରେ ଆଲୋଚନା ଓ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପରିଚାଳନା କମିଟିର ଅଧ୍ୟକ୍ଷ କମିଟିର ଏକ ଜରୁରୀ କାଳୀନ ବୈଠକ ଡାକିବେ ।

(ସି) ଜରୁରୀ କାଳୀନ ବୈଠକର ପରିଚାଳନା ପାଇଁ ସର୍ବନିମ୍ନ ଉପସ୍ଥିତି (କୋରମ୍ ) ପାଞ୍ଚ ହେବ, ଯାହା ଭିତରେ ବାଳୁତ କମିଟିର ଦୁଇଜଣ ସଦସ୍ୟ, ପରିଚାଳନା କମିଟିର ଅଧ୍ୟକ୍ଷ, ଯଥାସ୍ଥିତି କମିଟି ବା ପରିଷଦର ଜଣେ ସଦସ୍ୟ ଏବଂ ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀ ଅନ୍ତର୍ଭୁକ୍ତ ଅଟନ୍ତି ।

(ଡି) ଯେଉଁସ୍ଥଳେ ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀଙ୍କ ବିରୁଦ୍ଧରେ ଗୁରୁତର ଆପତ୍ତି ବା ଅଭିଯୋଗ ଦାଖଲ ହୋଇଥିବ, ସେପରି ସ୍ଥଳେ ସେ ଜରୁରୀ କାଳୀନ ବୈଠକରେ ଅଂଶଗ୍ରହଣ କରିପାରିବେ ନାହିଁ ଏବଂ ତାଙ୍କ ବଦଳରେ ପରିଚାଳନା କମିଟିର ଆଉ ଜଣେ ଉପଲବ୍ଧ ସଦସ୍ୟ ଅଂଶଗ୍ରହଣ କରିବେ ।

(ଇ) ପରାମର୍ଶ ବାକ୍ସରୁ ମିଳିଥିବା ସମସ୍ତ ପରାମର୍ଶ ଏବଂ ଜରୁରୀ କାଳୀନ ବୈଠକର ନିଷ୍ପତ୍ତିଗୁଡିକ କାରଣରୁ ଗୃହୀତ କାର୍ଯ୍ୟାନୁଷ୍ଠାନସମୂହ ବା ଆବଶ୍ୟକ ପଡୁଥିବା କାର୍ଯ୍ୟାନୁଷ୍ଠାନ ବିଷୟ ପରିଚାଳନା କମିଟିର ମାସିକ ବୈଠକରେ ଆଲୋଚନା ଏବଂ ସମୀକ୍ଷା ପାଇଁ ଉପସ୍ଥାପନ କରାଯିବ ।

(୯) ପ୍ରତି ଅନୁଷ୍ଠାନରେ ଏକ ବାଳୁତ ପରାମର୍ଶ ପୁସ୍ତିକା ଅନୁରକ୍ଷିତ ହେବ, ଯେଉଁଥିରେ ଅଭିଯୋଗସମୂହ ଏବଂ ପରିଚାଳନା କମିଟି ତରଫରୁ ଗୃହୀତ କାର୍ଯ୍ୟାନୁଷ୍ଠାନ ବିଷୟ ଯଥାବିଧି ଲିପିବଦ୍ଧ ରହିବ ଏବଂ ଏତାଦୃଶ କାର୍ଯ୍ୟାନୁଷ୍ଠାନ ତଥା ପରବର୍ତ୍ତୀ ପଦକ୍ଷେପ ବିଷୟରେ ସୂଚନା ପରିଚାଳନା କମିଟିର ପ୍ରତି ମାସିକ ବୈଠକ ପରେ ବାଳୁତ କମିଟିଙ୍କୁ ଜଣାଇ ଦିଆଯିବ ।

(୧୦) ପ୍ରତି ତିନିମାସରେ ଅନ୍ତତଃ ଥରକ ପାଇଁ ପରିଷଦ ବା କମିଟି ବାଳୁତ ପରାମର୍ଶ ପୁସ୍ତିକାକୁ ସମୀକ୍ଷା କରିବେ ।

**୫୬. ବାଳୁତ କମିଟିସମୂହ-**

(୧) କିଶୋର ଓ ବାଳୁତମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରତି ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀ ବୟସ ଭିତ୍ତିରେ ତିନୋଟି ଶ୍ରେଣୀର ବାଳୁତ, ଯଥା ୬-୧୦ ବର୍ଷ, ୧୧-୧୫ ବର୍ଷ ଏବଂ ୧୬-୧୮ ବର୍ଷ ପାଇଁ ଅଲଗା ଅଲଗା ବାଳୁତ କମିଟି ଗଠନରେ ସହାୟତା କରିବେ ଏବଂ କେବଳ ବାଳୁତମାନଙ୍କୁ ନେଇ ଏହି ବାଳୁତ କମିଟିମାନ ଗଠିତ ହେବ ।

(୨) ଏହି ବାଳୁତ କମିଟିମାନ ନିମ୍ନୋକ୍ତ କାର୍ଯ୍ୟଗୁଡିକରେ ଭାଗନେବା ପାଇଁ ପ୍ରୋତ୍ସାହନ ଦିଆଯିବ-

(ଏ) ଅନୁଷ୍ଠାନର ପରିବେଶରେ ଉନ୍ନତି ସାଧନ ;

(ବି) ଯତ୍ନ ନିର୍ବାହ କ୍ଷେତ୍ରରେ ଅନୁସୃତ ହେଉଥବା ମାନଦଣ୍ଡର ସମୀକ୍ଷା କରିବା ;

(ସି) ଦୈନିକ କାର୍ଯ୍ୟନିର୍ଘଣ୍ଟ ଏବଂ ଖାଦ୍ୟ ତାଲିକାର ପ୍ରସ୍ତୁତି ;

(ଡି) ଶୈକ୍ଷଣିକ, ବୈଷୟିକ ଓ ମନୋରଞ୍ଜନ ସଂପର୍କୀତ ଯୋଜନାସମୂହର ପ୍ରସ୍ତୁତି ;

(ଇ) ଏକ ସଂକଟକୁ ସମ୍ଭାଳିବାରେ ପାରସ୍ପରିକ ସହଯୋଗ ;

(ଏଫ୍) ସହ-ଅନ୍ତେବାସୀ ଏବଂ ଯତ୍ନ-ପ୍ରଦାୟକଙ୍କ ଦ୍ୱାରା ହେଉଥିବା କୌଣସି ଦୁର୍ବ୍ୟବହାର ଓ ଶୋଷଣ ବିଷୟରେ ସୂଚନା ଦେବା ;

(ଜି) ପ୍ରାଚୀର-ସମ୍ବାଦପତ୍ର ବା ପତ୍ର-ଭିତ୍ତିକ ସମ୍ବାଦପତ୍ର ବା ଚିତ୍ରାଙ୍କନ ବା ସଂଗୀତ ବା ନାଟକ ମାଧ୍ୟମରେ ନିଜନିଜର ମତାମତକୁ ସୃଜନାତ୍ମକ ରୀତିରେ ପ୍ରକାଶ କରିବା ;

(ଏଚ୍) ପରିଚାଳନା କମିଟି ମାଧ୍ୟମରେ ଅନୁଷ୍ଠାନର ପରିଚାଳନା ।

(୩) ଭାରପ୍ରାପ୍ତ ଅଧିକାରୀ ଏହା ସୁନିଶ୍ଚିତ କରିବେ ଯେ, ବାଳୁତ କମିଟିଗୁଡିକ ପ୍ରତି ମାସରେ ନିଜର ବୈଠକ କରିବେ ଏବଂ ନିଜର କାର୍ଯ୍ୟକଳାପ ଏବଂ ବୈଠକର ବିବରଣୀକୁ ଲିପିବଦ୍ଧ କରିବା ପାଇଁ ଏକ ରେଜିଷ୍ଟର୍ ଅନୁରକ୍ଷଣ କରିବେ ଏବଂ ପରିଚାଳନା କମିଟିର ମାସିକ ବୈଠକରେ ସେସବୁକୁ ଉପସ୍ଥାପନ କରିବେ ।

(୪) ଭାରପ୍ରାପ୍ତ ଅଧିକାରୀ ଏହା ସୁନିଶ୍ଚିତ କରିବେ ଯେ, ବାଳୁତ କମିଟିମାନଙ୍କୁ ସେମାନଙ୍କର ଫଳପ୍ରଦ କ୍ରିୟାଶୀଳତା ପାଇଁ କାଗଜପତ୍ର, ସ୍ଥାନ ଏବଂ ମାର୍ଗଦର୍ଶନ ସମେତ ଅତ୍ୟାବଶ୍ୟକ ସହାୟତା ଓ ସାମଗ୍ରୀ ଯୋଗାଇ ଦିଆଯିବ ।

(୫) ବାଳୁତ କମିଟିଗୁଡିକର ସ୍ଥାପନା ଓ କାର୍ଯ୍ୟକାରିତା ପାଇଁ ଭାରପ୍ରାପ୍ତ ଅଧିକାରୀ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ବା ବାଳୁତ ଭାଗିଦାରିତା ବିଶେଷଜ୍ଞମାନଙ୍କ ଠାରୁ ଯଥାସମ୍ଭବ ସହାୟତା ଲୋଡିବେ ।

(୬) ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ବା ବାଳୁତ ଭାଗିଦାରିତା ବିଶେଷଜ୍ଞ ନିମ୍ନୋକ୍ତ କ୍ଷେତ୍ରରେ ବାଳୁତ କମିଟିମାନଙ୍କୁ ସାହାଯ୍ୟ କରିବେ –

(ଏ) ନିଜର ନେତୃବୃନ୍ଦଙ୍କୁ ବାଛିବା ;

(ବି) ନିଜର ମାସିକ ବୈଠକଗୁଡିକୁ ପରିଚାଳନା କରିବା ;

(ସି) ବାଳୁତ କମିଟିଗୁଡିକର କ୍ରିୟାଶୀଳତା ପାଇଁ ନିୟମାବଳୀ ପ୍ରଣୟନ କରିବା ଏବଂ ସେଗୁଡିକୁ ପାଳନ କରିବା ;

(ଡି) ଆବଶ୍ୟକୀୟ ରେକର୍ଡ, ବାଳୁତ ପରାମର୍ଶ ପୁସ୍ତିକା ଏବଂ ଅନ୍ୟ ପ୍ରାସଙ୍ଗିକ ଦଲିଲ୍‌ଗୁଡିକର ଅନୁରକ୍ଷଣ କରିବା ;

(ଇ) ଅନ୍ୟ କୌଣସି ଅଭିନବ କାର୍ଯ୍ୟକ୍ରମ ।

(୭) ବାଳୁତ କମିଟିଗୁଡିକର ସ୍ଥାପନା ଏବଂ କ୍ରିୟାଶୀଳତା ଉପରେ ପରିଚାଳନା କମିଟି ଭାରପ୍ରାପ୍ତ ଅଧିକାରୀଙ୍କ ଠାରୁ ରିପୋର୍ଟ ମଗାଇବେ, ସେହି ରିପୋର୍ଟ ଗୁଡିକକୁ ନିଜର ମାସିକ ବୈଠକରେ ସମୀକ୍ଷା କରିବେ ତଥା ଆବଶ୍ୟକ ସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

**୫୭. ପୁରସ୍କାର ଏବଂ ରୋଜଗାର-**

ଜଣେ କିଶୋର ବା ବାଳୁତର ଧୈର୍ଯ୍ୟପୂର୍ଣ୍ଣ କାର୍ଯ୍ୟ ଏବଂ ଉତ୍ତମ ଆଚରଣକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ତାକୁ ସେହିଭଳି ପରିମାଣର ପୁରସ୍କାର ମଞ୍ଜୁର କରାଯାଇପାରେ, ଯାହାକି ଅନୁଷ୍ଠାନର ପରିଚାଳନା କମିଟି ସମୟାନ୍ତରରେ ସ୍ଥିର କରିପାରନ୍ତି, ଏବଂ ସେହି କିଶୋର ବାଳୁତକୁ ଖଲାସ କରାଗଲା ବେଳେ ତାର ଦାୟିତ୍ୱ ନେବାକୁ ଆସିଥିବା ପିତାମାତା ବା ଅଭିଭାବକଙ୍କ ଠାରୁ ବା ସ୍ୱୟଂ ବାଳୁତ ଠାରୁ ଏକ ରସିଦ୍ ଲେଖାଇ ନେବା ପରେ ଉକ୍ତ ପୁରସ୍କାର ହସ୍ତାନ୍ତର କରାଯିବ ।

**୫୮. କିଶୋର ବା ବାଳୁତମାନଙ୍କ ସହ ସାକ୍ଷାତ ଏବଂ ଯୋଗାଯୋଗ-**

(୧) ଯେଉଁସ୍ଥଳେ ପିତାମାତା ବା ସଂପର୍କୀୟ ବା ଅଭିଭାବକ ନିଜେ ସଂପୃକ୍ତ କିଶୋର ବା ବାଳୁତ ପ୍ରତି ହିଂସା, ଦୁର୍ବ୍ୟବହାର ଏବଂ ଶୋଷଣ ପାଇଁ ଦାୟୀ ଅଟନ୍ତି, କେବଳ ସେଭଳି ସ୍ଥିତିକୁ ବାଦ୍ ଦେଲେ

ଜଣେ କିଶୋର ବା ବାଳୁତର ପିତାମାତା ବା ସଂପର୍କୀୟ ତାଙ୍କୁ ମାସକୁ ଥରେ ସାକ୍ଷାତ କରିବା ପାଇଁ ଅନୁମତି ପାଇବେ, ଅଥବା କେତେକ ବିଶେଷ ସ୍ଥିତିରେ ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ପରିଦର୍ଶନ ନିର୍ଘଣ୍ଟ ଅନୁଯାୟୀ ଏବଂ ତାଙ୍କ ଅନୁମତି କ୍ରମେ ସେମାନେ ସଂପୃକ୍ତ କିଶୋର ବା ବାଳୁତକୁ ଅଧିକ ଥର ସାକ୍ଷାତ ପାଇଁ ଅନୁମତି ପାଇବେ ।

(୨) ଅନୁଷ୍ଠାନର କିଶୋର ବା ବାଳୁତମାନଙ୍କୁ ମିଳୁଥିବା ଚିଠିପତ୍ର ଉପରେ କୌଣସି କଟକଣା ରହିବ ନାହିଁ ଏବଂ ଉଚିତ୍ ସମୟରେ ସେମାନେ ମନଇଚ୍ଛା ଯେତେ ଅଧିକ ସଂଖ୍ୟକ ଚିଠି ଲେଖିପାରନ୍ତି; ଏବଂ ଅନୁଷ୍ଠାନ ତରଫରୁ ଏହା ସୁନିଶ୍ଚିତ କରାଯିବ ଯେ, ଯେଉଁସ୍ଥଳେ ପିତାମାତା, ଅଭିଭାବକ ବା ସଂପର୍କୀୟମାନଙ୍କ ବିଷୟରେ ସୂଚନା ରହିଛି, ସେପରି ସ୍ଥଳେ ସଂପୃକ୍ତ କିଶୋର ବା ବାଳୁତ ଦ୍ୱାରା ମାସକୁ ଅନ୍ତତଃ ଗୋଟିଏ ଚିଠି ଲେଖାଯିବ, ଏବଂ ଏହାର ଡାକଖର୍ଚ୍ଚ ଅନୁଷ୍ଠାନ ବହନ କରିବ ।

(୩) ଜଣେ କିଶୋର ବା ବାଳୁତ ଦ୍ୱାରା ଲିଖିତ ଏକ ଚିଠି ବା ତା ପାଖକୁ ଆସୁଥିବା ଏକ ଚିଠିକୁ ଭାରପ୍ରାପ୍ତ ଅଧିକାରୀ ପଢ଼ିପାରନ୍ତି ଏବଂ ନିଜେ ଉପଲବ୍ଧ କରୁଥିବା ପର୍ଯ୍ୟାପ୍ତ କାରଣ ଭିତ୍ତିରେ ଏପ୍ରକାର ଚିଠିକୁ ହସ୍ତାନ୍ତର କରିବା ପାଇଁ ବା ଡାକରେ ପଠାଇବା ପାଇଁ ମନା କରଦେଇପାରନ୍ତି ଏବଂ ଏହି ଉଦ୍ଦେଶ୍ୟରେ ଅନୁରକ୍ଷିତ ହେଉଥିବା ପୁସ୍ତିକାରେ ଉକ୍ତ କାରଣମାନ ଲିପିବଦ୍ଧ କରିବା ପରେ ଉକ୍ତ ଚିଠିକୁ କମିଟିଙ୍କ ନିକଟକୁ ଅଭିପ୍ରେରଣ କରିପାରନ୍ତି ।

(୪) କେତେକ ସ୍ୱତନ୍ତ୍ର କ୍ଷେତ୍ରରେ ଅଥବା ପରିଷଦ ବା କମିଟିଙ୍କ ଆଦେଶ କ୍ରମେ ଭାରପ୍ରାପ୍ତ ଅଧିକାରୀ ଜଣେ କିଶୋର ବା ବାଳୁତକୁ ନିଜର ପିତାମାତା ବା ଅଭିଭାବକ ବା ସଂପର୍କୀୟଙ୍କ ସହ ଟେଲିଫୋନ୍‌ରେ କଥାବାର୍ତ୍ତା ପାଇଁ ଅନୁମତି ଦେଇପାରନ୍ତି ।

**୫୯. ଜଣେ କିଶୋର ବା ବାଳୁତର ମୃତ୍ୟୁ-**

ଗୋଟିଏ ଅନୁଷ୍ଠାନ ଭିତରେ ମୃତ୍ୟୁ ବା ଆତ୍ମହତ୍ୟା ଘଟିଲେ ନିମ୍ନୋକ୍ତ କାର୍ଯ୍ୟପ୍ରକ୍ରିୟା ଅନୁସୃତ ହେବ-

(୧) ଯେଉଁସ୍ଥଳେ ଗୋଟିଏ ଅନୁଷ୍ଠାନ ଭିତରେ ଜଣେ କିଶୋର ବା ବାଳୁତର ଅସ୍ୱାଭାବିକ ମୃତ୍ୟୁ ବା ଆତ୍ମହତ୍ୟା ଘଟିବ, ସେପରି ସ୍ଥଳେ ଯଥାଶୀଘ୍ର ଅପମୃତ୍ୟୁର ତଦନ୍ତ ଏବଂ ଶବ ବ୍ୟବଚ୍ଛେଦକୁ ସୁନିଶ୍ଚିତ କରାଇବା ହେଉଛି ଅନୁଷ୍ଠାନର ଅବଶ୍ୟ ପାଳନୀୟ କର୍ତ୍ତବ୍ୟ ।

(୨) ଯେଉଁସ୍ଥଳେ ଅସୁସ୍ଥତା କାରଣରୁ ଜଣେ କିଶୋର ବା ବାଳୁତର ସ୍ୱାଭାବିକ ମୃତ୍ୟୁ ଘଟିଥିବ, ସେପରି ସ୍ଥଳେ ଭାରପ୍ରାପ୍ତ ଅଧିକାରୀ ଚିକିତ୍ସା ଅଧିକାରୀଙ୍କ ନିକଟରୁ ମୃତ୍ୟୁର କାରଣ ଦର୍ଶାଇଥିବା ଏକ ରିପୋର୍ଟ ସଂଗ୍ରହ କରିବେ ଏବଂ ଏହି ମୃତ୍ୟୁ ସମ୍ବନ୍ଧରେ ତତ୍‌କ୍ଷଣାତ୍ ଏକ ଲିଖିତ ସୂଚନା ନିକଟତମ ପୋଲିସ୍ ଥାନା, ପରିଷଦ ବା କମିଟି, ବାଳୁତ ଅଧିକାର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଜାତୀୟ ବା ରାଜ୍ୟ କମିଶନ୍ , ଜିଲ୍ଲା ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ବାଳୁତ ସୁରକ୍ଷା ଶାଖା ବା ଅନ୍ୟାନ୍ୟ ସଂପୃକ୍ତ କର୍ତ୍ତୃପକ୍ଷ ତଥା ସଂପୃକ୍ତ କିଶୋର ବା ବାଳୁତର ପିତାମାତା ବା ଅଭିଭାବକ ବା ସଂପର୍କୀୟଙ୍କ ନିକଟକୁ ପଠାଇ ଦିଆଯିବ ।

(୩) ଯେଉଁସ୍ଥଳେ ଏକ ଆକସ୍ମିକ ବା ହିଂସା-ଜନିତ ମୃତ୍ୟୁ ବା ଆତ୍ମହତ୍ୟା ବା ଦୁର୍ଘଟଣା କାରଣରୁ ମୃତ୍ୟୁ ଘଟିଥାଏ, ସେପରି ସ୍ଥଳେ ଏ ବିଷୟରେ ଏକି ଲିଖିତ ସୂଚନା ତତ୍‌କ୍ଷଣାତ୍ ମାମଲା କର୍ମୀ ବା ପରିବୀକ୍ଷା ଅଧିକାରୀ ବା କଲ୍ୟାଣ ଅଧିକାରୀଙ୍କ ଦ୍ୱାରା ଭାରପ୍ରାପ୍ତ ଅଧିକାରୀ ଏବଂ ଚିକିତ୍ସା ଅଧିକାରୀଙ୍କ ନିକଟକୁ ପଠାଯିବ ଏବଂ ଭାରପ୍ରାପ୍ତ ଅଧିକାରୀ ଏ ବିଷୟରେ ତୁରନ୍ତ ନିକଟତମ ପୋଲିସ୍ ଥାନା, ପରିଷଦ ବା କମିଟି ଏବଂ ମୃତ କିଶୋର ବା ବାଳୁତର ପିତାମାତା ବା ଅଭିଭାବକ ବା ସଂପର୍କୀୟଙ୍କ ନିକଟକୁ ଜଣାଇବେ ।

(୪) ଯେଉଁସ୍ଥଳେ ଜଣେ କିଶୋର ବା ବାଳୁତ ଅନୁଷ୍ଠାନରେ ଭର୍ତ୍ତି ହେବାର ଚବିଶ ଘଣ୍ଟା ଭିତରେ ମୃତ୍ୟୁ ବରଣ କରେ, ସେପରି ସ୍ଥଳେ ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀ କାଳବିଳମ୍ବ ନକରି ଏ ବିଷୟରେ କ୍ଷେତ୍ରାଧିକାର ପ୍ରାପ୍ତ ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀ ତଥା ଜିଲ୍ଲା ଚିକିତ୍ସା ଅଧିକାରୀ ବା ନିକଟତମ ସରକାରୀ ଡାକ୍ତରଖାନା ଏବଂ ଉକ୍ତ କିଶୋର ବା ବାଳୁତର ପିତାମାତା ବା ଅଭିଭାବକ ବା ସଂପର୍କୀୟଙ୍କ ନିକଟକୁ ରିପୋର୍ଟ ପଠାଇବେ ।

(୫) ଅପମୃତ୍ୟୁର ତଦନ୍ତ କରିବା ପାଇଁ କ୍ଷମତାପ୍ରାପ୍ତ ହୋଇଥିବା ନିକଟତମ ମାଜିଷ୍ଟ୍ରେଟ୍ ତଥା ଯଥାସ୍ଥିତି ପରିଷଦ ବା କମିଟିଙ୍କ ନିକଟକୁ ଏ ବିଷୟରେ ଭାରପ୍ରାପ୍ତ ଅଧିକାରୀ ମଧ୍ୟ ତୁରନ୍ତ ଅବଗତି ପଠାଇବେ ।

(୬) ସଂପୃକ୍ତ ବାଳୁତ କେଉଁ ପରିସ୍ଥିତିରେ ମୃତ୍ୟୁ ବରଣ କଲା, ସେ ବିଷୟରେ ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀ ଏବଂ ଚିକିତ୍ସା ଅଧିକାରୀ ସୂଚନା ଲିପିବଦ୍ଧ କରିବେ ଏବଂ ଏହାର ଏକ ରିପୋର୍ଟ ସଂପୃକ୍ତ ମାଜିଷ୍ଟ୍ରେଟ୍, କ୍ଷେତ୍ରାଧିକାର ପ୍ରାପ୍ତ ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀ, କମିଟି, ଜିଲ୍ଲା ଚିକିତ୍ସା ଅଧିକାରୀ ବା ସେହି ନିକଟତମ ସରକାରୀ ଡାକ୍ତରଖାନାକୁ ପଠାଇବେ, ଯେଉଁଠାକୁ ସଂପୃକ୍ତ କିଶୋର ବା ବାଳୁତର ମୃତ ଶରୀରର ମାଇନା, ଯାଞ୍ଚ ଏବଂ ମୃତ୍ୟୁର କାରଣ ନିରୂପଣ ପାଇଁ ପଠାଯାଇଥିବ, ଏବଂ ମୃତ୍ୟୁର କାରଣ ସମ୍ବନ୍ଧରେ ଭାରପ୍ରାପ୍ତ ଅଧିକାରୀ ଏବଂ ଚିକିତ୍ସା ଅଧିକାରୀଙ୍କର ଯଦି କିଛି ମତାମତ ଥାଏ, ତେବେ ସେମାନେ ମଧ୍ୟ ତାହା ଲିଖିତ ଭାବେ ଲିପିବଦ୍ଧ କରିବେ ଏବଂ ସଂପୃକ୍ତ ମାଜିଷ୍ଟ୍ରେଟ୍ ତଥା କ୍ଷେତ୍ରାଧିକାର ପ୍ରାପ୍ତ ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ନିକଟରେ ଦାଖଲ କରିବେ ।

(୭) ମୃତ୍ୟୁର କାରଣ ତଥା ସଂପୃକ୍ତ କିଶୋର ବା ବାଳୁତ ସଂପର୍କୀତ ଅନ୍ୟାନ୍ୟ ସବିଶେଷ ତଥ୍ୟାବଳୀକୁ କେନ୍ଦ୍ର କରି ପୋଲିସ୍ ବା ମାଜିଷ୍ଟ୍ରେଟ୍ଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅନୁସନ୍ଧାନ ପାଇଁ ଭାରପ୍ରାପ୍ତ ଅଧିକାରୀ ଏବଂ ଚିକିତ୍ସା ଅଧିକାରୀ ନିଜକୁ ଉପଲବ୍ଧ କରାଇବେ ।

(୮) ଏକ ଅପମୃତ୍ୟୁ ମାମଲାର ତଦନ୍ତ ସରିବା କ୍ଷଣି ମୃତଦେହକୁ ଉକ୍ତ କିଶୋର ବା ବାଳୁତର ପିତାମାତା ବା ଅଭିଭାବକ ବା ସଂପର୍କୀୟଙ୍କୁ ହସ୍ତାନ୍ତର କରାଯିବ, ଅଥବା ଯଦି କେହି ଦାବୀଦାର ନଥାନ୍ତି, ତେବେ ଉକ୍ତ କିଶୋର ବା ବାଳୁତର ଧର୍ମ ଜଣା ଥିଲେ ସେହି ଧର୍ମ ଅନୁସାରେ ତା'ର ଶେଷକୃତ୍ୟ ଭାରପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହେବ ।

**୬୦. କିଶୋର ବା ବାଳୁତକୁ ଦୁର୍ବ୍ୟବହାର ଏବଂ ଶୋଷଣ -**

(୧) ପ୍ରତି ଅନୁଷ୍ଠାନରେ ଏଭଳି ସୁନିଶ୍ଚିତ ବ୍ୟବସ୍ଥାମାନ ସ୍ଥାନିତ ହୋଇଥିବ, ଯାହା ଫଳରେ କୌଣସି ଦୁର୍ବ୍ୟବହାର, ହତାଦର ଏବଂ ଅସଦାଚରଣ ଘଟିବ ନାହିଁ ଏବଂ ସେଥି ମଧ୍ୟରେ ଅନ୍ତର୍ଭୁକ୍ତ ଏକ ବ୍ୟବସ୍ଥା ହେଉଛି କର୍ମଚାରୀମାନଙ୍କର ସଚେତନତା, ଅର୍ଥାତ୍ ସେମାନେ ଜାଣିଥିବେ କେଉଁ କାର୍ଯ୍ୟ ଦୁର୍ବ୍ୟବହାର, ହତାଦର ଏବଂ ଅସଦାଚରଣ ପଦବାଚ୍ୟ, ତଥା ଦୁର୍ବ୍ୟବହାର, ହତାଦର ଏବଂ ଅସଦାଚରଣର ପୂର୍ବାଭାସଗୁଡିକ କ'ଣ ତଥା ସେପରି ଘଟିଲେ କ'ଣ କରିବାକୁ ପଡିବ ।

(୨) ଯେଉଁସ୍ଥଳେ ଗୋଟିଏ ଅନୁଷ୍ଠାନ ଭିତରେ କିଶୋର ଏବଂ ବାଳୁତମାନଙ୍କୁ ହତାଦର ସହିତ ଶାରିରୀକ, ଯୌନଗତ ବା ଭାବାବେଗଗତ ଦୁର୍ବ୍ୟବହାର କରାଯାଇଥାଏ, ଏପରିକି ଯତ୍ନ ଓ ସୁରକ୍ଷା ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଏପରି କରାଯାଇଥାଏ, ସେପରି ସ୍ଥଳେ ନିମ୍ନୋକ୍ତ କାର୍ଯ୍ୟାନୁଷ୍ଠାନମାନ ଗ୍ରହଣ କରାଯିବ:

(୧) ଅନୁଷ୍ଠାନର କୌଣସି କର୍ମଚାରୀ ଦୁର୍ବ୍ୟବହାର ବା ଶୋଷଣ ସମ୍ବନ୍ଧରେ କିଛି ସୂଚନା ପାଇବା ମାତ୍ରେ ସେ ତୁରନ୍ତ ଏ ବିଷୟରେ ଭାରପ୍ରାପ୍ତ ଅଧିକାରୀଙ୍କୁ ରିପୋର୍ଟ କରିବେ ;

(୨) ଶାରିରୀକ, ଯୌନଗତ ବା ଭାବାବେଗଗତ ଦୁର୍ବ୍ୟବହାର ସମ୍ବନ୍ଧରେ କୌଣସି ଏକ ଅଭିଯୋଗ ଭାରପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରକୁ ଆସିବା ମାତ୍ରେ, ଏ ବିଷୟରେ ଏକ ରିପୋର୍ଟ ପରିଷଦ ବା କମିଟିଙ୍କ ନିକଟରେ ଦାଖଲ କରାଯିବ, ଯେ କି ଏହା ଉପରେ ଏକ ସ୍ୱତନ୍ତ୍ର ଅନୁସନ୍ଧାନ କରିବା ପାଇଁ ଆଦେଶ ଜାରି କରିବେ ;

(୩) ପରିଷଦ ବା କମିଟି ଏ ବିଷୟରେ ଏକ ମାମଲା ଦାଏର୍ , ଏପ୍ରକାର ଘଟଣାର ଯଥାବିଧି ସଂଜ୍ଞାନ ତଥା ଆବଶ୍ୟକୀୟ ଅନୁସନ୍ଧାନ ପରିଚାଳନା ପାଇଁ ସ୍ଥାନୀୟ ପୋଲିସ୍ ଥାନା ବା ସ୍ୱତନ୍ତ୍ର କିଶୋର ପୋଲିସ୍ ଶାଖାକୁ ନିର୍ଦ୍ଦେଶ ଦେବେ ;

(୪) ପରିଷଦ ବା କମିଟି ସମସ୍ତ ଅନୁସନ୍ଧାନକୁ ସଂପୂର୍ଣ୍ଣ କରିବା ତଥା ନିର୍ଯ୍ୟାତିତ କିଶୋର ବା ବାଳୁତକୁ ଆଇନ୍ ସହାୟତା ଏବଂ ପରାମର୍ଶ ପ୍ରଦାନକୁ ସୁନିଶ୍ଚିତ କରିବା ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବେ ;

(୫) ପରିଷଦ ବା କମିଟି ଉକ୍ତ କିଶୋର ବା ବାଳୁତକୁ ଅନ୍ୟ ଏକ ଅନୁଷ୍ଠାନ ବା ନିରାପଦ ସ୍ଥାନ ବା ସମର୍ଥ ବ୍ୟକ୍ତିଙ୍କ ନିକଟକୁ ସ୍ଥାନାନ୍ତରଣ କରିବେ ;

(୬) ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀ ପରିଚାଳନା କମିଟିର ଅଧ୍ୟକ୍ଷଙ୍କୁ ମଧ୍ୟ ଏ ବିଷୟରେ ଜଣାଇବେ ଏବଂ ଏହି ଘଟଣା ତଥା ଏହା ଉପରେ ନିଆଯାଇଥିବା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ରିପୋର୍ଟର ଏକ ନକଲ ପରିଚାଳନା କମିଟିର ପରବର୍ତ୍ତୀ ବୈଠକରେ ଉପସ୍ଥାପନ କରିବେ ;

(୭) ଅନୁଷ୍ଠାନ ଭିତରେ ଜଣେ କିଶୋର ବା ବାଳୁତ କ୍ଷେତ୍ରରେ ଅନ୍ୟ କୌଣସି ଅପରାଧ ଘଟିଥିଲେ, ପରିଷଦ ବା କମିଟି ଏହାର ସଂଜ୍ଞାନ କରିବେ ଏବଂ ସ୍ଥାନୀୟ ପୋଲିସ୍ ଥାନା ବା ସ୍ୱତନ୍ତ୍ର କିଶୋର ପୋଲିସ୍ ଶାଖା ଦ୍ୱାରା ଏ ବିଷୟରେ ଆବଶ୍ୟକୀୟ ଅନୁସନ୍ଧାନ କରାଇବାର ବ୍ୟବସ୍ଥା କରିବେ ;

(୮) ପରିଷଦ ବା କମିଟି ଦୁର୍ବ୍ୟବହାର ଏବଂ ଶୋଷଣର ସତ୍ୟାସତ୍ୟ ସମ୍ବନ୍ଧରେ ଅନୁସନ୍ଧାନ କରିବା ପାଇଁ ପ୍ରତି ଅନୁଷ୍ଠାନରେ ଥିବା ବାଳୁତ କମିଟିମାନଙ୍କ ସହ ପରାମର୍ଶ କରିପାରନ୍ତି ତଥା ଏହା ସହିତ ଅନୁଷ୍ଠାନର ଅନ୍ତେବାସୀ କିଶୋର ବା ବାଳୁତମାନଙ୍କ ପ୍ରତି ଦୁର୍ବ୍ୟବହାର ଏବଂ ଶୋଷଣ ପରିପ୍ରେକ୍ଷୀରେ ପ୍ରାସଙ୍ଗିକ ମନେ ହେଉଥିବା ସ୍ୱେଚ୍ଛାସେବୀ ସଂଗଠନସମୂହ, ବାଳୁତ ଅଧିକାର ବିଶେଷଜ୍ଞବୃନ୍ଦ, ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞବୃନ୍ଦ ବା ସଂକଟ ସହାୟତା କେନ୍ଦ୍ରମାନଙ୍କର ସହଯୋଗ ଲୋଡି ପାରନ୍ତି ।

**୬୧. ମାରାତ୍ମକ ରୋଗ ବା ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବା କିଶୋର ବା ବାଳୁତ-**

(୧) ଯେଉଁସ୍ଥଳେ ଏହା ଦେଖା ଯାଇଥାଏ ଯେ, ଆଇନ୍‌ର ବ୍ୟବସ୍ଥା ଅନୁଯାୟୀ ଏକ ସମର୍ଥ ବ୍ୟକ୍ତି ବା ସମର୍ଥ ଅନୁଷ୍ଠାନର ଯତ୍ନ ଅଧୀନରେ ସ୍ଥାନିତ ହୋଇଥିବା ଜଣେ କିଶୋର ବା ବାଳୁତ ଏଭଳି ଏକ ରୋଗ ବା ଶାରିରୀକ ବା ମାନସିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ଅଛି, ଯାହାକି ସୁଦୀର୍ଘ ଡାକ୍ତରୀ ଚିକିତ୍ସା ଆବଶ୍ୟକ କରେ କିମ୍ବା ସେ ତନ୍ଦ୍ରାକାରକ ଔଷଧ ଅଥବା ମନୋବିକୃତିକାରୀ ସାମଗ୍ରୀ ପ୍ରତି ଆସକ୍ତ ଅଛି, ତେବେ ସେପରି ସ୍ଥଳେ ସଂପୃକ୍ତ କିଶୋର ବା ବାଳୁତକୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଆଦେଶ ବଳରେ ଏକ ଯଥୋଚିତ ସ୍ଥାନକୁ ଏଭଳି ଏକ ସମୟ ଅବଧି ପାଇଁ ପଠାଇ ଦିଆ

ଯାଇପାରେ, ଯାହାକି ଉକ୍ତ କିଶୋର ବା ବାଳୁତର ଉପଯୁକ୍ତ ଚିକିତ୍ସା ପାଇଁ ଆବଶ୍ୟକ ବୋଲି ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ସୁପାରିଶ୍ କରାଯାଇଛି ବା ଯାହାକି ତା'ର ରହଣି ଅବଧିର ଅବିଶିଷ୍ଟାଂଶ ସହିତ ସମାନ।

(୨) କିଶୋର ବା ବାଳୁତ ଜଣକ ସଂପୃକ୍ତ ରୋଗ ବା ଶାରିରୀକ ବା ମାନସିକ ସ୍ୱାସ୍ଥ୍ୟ ସମସ୍ୟାରୁ ଆରୋଗ୍ୟ ଲାଭ କରିବା ପରେ, ଯଦି ଦେଖାଯାଏ ଯେ, ଉକ୍ତ କିଶୋର ବା ବାଳୁତର ରହଣି ଅବଧି ଆହୁରି ବାକୀ ଅଛି, ତେବେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ତାକୁ ପୁଣି ସେହି ସମର୍ଥ ବ୍ୟକ୍ତି ବା ସମର୍ଥ ଅନୁଷ୍ଠାନଙ୍କ ହେପାଜତ୍ ଅଧୀନକୁ ଫେରାଇ ଦେବା ପାଇଁ ଆଦେଶ ଦେଇପାରନ୍ତି, ଯେଉଁଠାରୁ ତାକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା, ଏବଂ ଯଦି ସମର୍ଥ ବ୍ୟକ୍ତି ବା ସମର୍ଥ ଅନୁଷ୍ଠାନଙ୍କ ହେପାଜତ୍ ଅଧୀନରେ ଉକ୍ତ କିଶୋର ବା ବାଳୁତର ରହଣି ଅବଧି ଆଉ ବାକୀ ନଥାଏ, ତେବେ ତାକୁ ଖଲାସ କରିଦେବା ପାଇଁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଆଦେଶ ଦେଇପାରନ୍ତି।

(୩) ସ୍ପର୍ଶଜନିତ ଏବଂ ସଂକ୍ରାମକ ରୋଗରେ ପୀଡିତ ଜଣେ କିଶୋର ବା ବାଳୁତକୁ ତା'ର ପିତାମାତା ବା ଅଭିଭାବକଙ୍କୁ ପ୍ରତ୍ୟର୍ପଣ କରିବାର ଆଦେଶ ସଂପୃକ୍ତ କିଶୋର ବା ବାଳୁତର ସର୍ବୋତ୍ତମ ହିତ ନୀତି ଉପରେ ଆଧାରିତ ହେବ ଏବଂ ଏହି ଆଦେଶ ଜାରି କଲାବେଳେ ଅପବାଦ ଏବଂ ଭେଦଭାବ ତଥା ଚିକିତ୍ସାର ଅସଂପୂର୍ଣ୍ଣତା ଜନିତ ଆଶଙ୍କାକୁ ଦୃଷ୍ଟିରେ ରଖାଯାଇଥିବ।

(୪) ଯେଉଁସ୍ଥଳେ ଆଇନ୍‌ର ଧାରା ୫୮ ର ଉଦ୍ଦେଶ୍ୟାର୍ଥେ ଗୁରୁତର ମାନସିକ ବା ଶାରିରୀକ ଅସୁସ୍ଥତା ଓ ସଂକ୍ରମଣ ଭୋଗୁଥିବା କିଶୋର ବା ବାଳୁତମାନଙ୍କର ଯତ୍ନ ଓ ସୁରକ୍ଷା ନିର୍ବାହ ପାଇଁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ କ୍ଷେତ୍ରାଧିକାର ଅଧୀନରେ ବା ନିକଟବର୍ତ୍ତୀ ଜିଲ୍ଲା ବା ରାଜ୍ୟରେ କୌଣସି ସଂଗଠନ ଉପଲବ୍‌ଧ ନଥାଏ, ସେପରି ସ୍ଥଳେ ରାଜ୍ୟ ସରକାରଙ୍କ ଦ୍ୱାରା ସେହିଭଳି ସ୍ଥାନମାନଙ୍କରେ ଏପ୍ରକାର ସଂଗଠନ ସ୍ଥାପନ କରାଯିବ, ଯେଉଁଠି ଉପରୋକ୍ତ ଧରଣର କିଶୋର ବା ବାଳୁତମାନଙ୍କର ସ୍ୱତନ୍ତ୍ର ପ୍ରୟୋଜନଗୁଡିକ ଯଥାର୍ଥରେ ପୂରଣ ହୋଇପାରିବ ବୋଲି ରାଜ୍ୟ ସରକାର ବିବେଚନା କରିବେ।

**୬୨. ଜଣେ କିଶୋର ବା ବାଳୁତର ଛୁଟି ମଞ୍ଜୁରି-**

(୧) ଅନୁଷ୍ଠାନର ଜଣେ ଅନ୍ତେବାସୀ କିଶୋର ବା ବାଳୁତକୁ ପରୀକ୍ଷା ବା ନାମଲେଖା ତଥା ପରିବାରରେ ବିବାହ ଭଳି ସ୍ୱତନ୍ତ୍ର ଉପଲକ୍ଷ ବା ମୃତ୍ୟୁ ଅବା ଦୁର୍ଘଟଣା ଅବା ଗୁରୁତର ଅସୁସ୍ଥତା ଭଳି ଜରୁରୀ ସ୍ଥିତିରେ ଛୁଟିରେ ଯିବା ପାଇଁ ଅନୁମତି ଦିଆଯାଇପାରେ ବା ତତ୍ତ୍ୱାବଧାନ ଅଧୀନରେ ଖଲାସ କରାଯାଇ ପାରେ।

(୨) ଯାତାୟତର ସମୟ-ଅବଧିକୁ ଛାଡି ସାଧାରଣତଃ ସାତ ଦିନରୁ ଅଧିକ ହେଉନଥିବା ଏକ ସ୍ୱଳ୍ପ ସମୟ-ଅବଧି ପାଇଁ ଛୁଟି ପ୍ରସ୍ତାବକୁ ଭାରପ୍ରାପ୍ତ ଅଧିକାରୀ ସୁପାରିଶ୍ କରିପାରନ୍ତି, କିନ୍ତୁ ତାହା ପରିଷଦ ବା କମିଟି ଦ୍ୱାରା ମଞ୍ଜୁରି ଲାଭ କରିବ।

(୩) କିଶୋରର ପିତାମାତା ବା ଅଭିଭାବକ ବା କିଶୋର ବା ବାଳୁତ ତରଫରୁ ଭାରପ୍ରାପ୍ତ ଅଧିକାରୀ ବା ନିଜେ ବାଳୁତ ଛୁଟିର ଉଦ୍ଦେଶ୍ୟ ଏବଂ ଅବଧି ବିଷୟରେ ସୁସ୍ପଷ୍ଟ ସୂଚନା ଦେଇ ଉକ୍ତ କିଶୋର ବା ବାଳୁତକୁ ଛୁଟିରେ ଛାଡିବା ପାଇଁ ଏକ ଦରଖାସ୍ତ ପରିଷଦ ବା କମିଟି ନିକଟରେ ଦାଖଲ କରିବେ।

(୪) ପରିଷଦ ବା କମିଟି ଛୁଟି ପାଇଁ ଅନୁମତି ସକାଶେ ଉଦ୍ଦିଷ୍ଟ ଦରଖାସ୍ତକୁ ବିଚାର କଲାବେଳେ କିଶୋର ବା ବାଳୁତ ବା ତା'ର ପିତାମାତା ବା ଅଭିଭାବକଙ୍କ ବକ୍ତବ୍ୟ ଶୁଣିବେ ଏବଂ ଯଦି ପରିଷଦ ବା କମିଟି ମନେ କରନ୍ତି ଯେ ଏପରି ଛୁଟି ମଞ୍ଜୁର କରିବା ଉକ୍ତ କିଶୋର ବା ବାଳୁତର ହିତର ଅନୁକୂଳ, ତେବେ ସେ ଏକ ଯଥୋଚିତ ଆଦେଶ ଜାରି କରିବେ, ଏବଂ ଯଦି କିଶୋର ବା ବାଳୁତ ବା

ସଂପୃକ୍ତ ପିତାମାତା ବା ଅଭିଭାବକଙ୍କ ଠାରୁ ସଂଗୃହୀତ ହୋଇଥିବା ପ୍ରାଥମିକ ସୂଚନା ସଂପୃକ୍ତ ଉଦ୍ଦେଶ୍ୟ ପାଇଁ ଯଥେଷ୍ଟ ମନେ ନହୁଏ, ତେବେ  ପରିଷଦ ବା କମିଟି ପରିବୀକ୍ଷା ଅଧିକାରୀ ବା ବାଳୁତ କଲ୍ୟାଣ ଅଧିକାରୀଙ୍କ ଠାରୁ ରିପୋର୍ଟ ମଗାଇ ପାରନ୍ତି ।

(୫) ଛୁଟି ଦରଖାସ୍ତକୁ ମଞ୍ଜୁର କରିବା ବା ଯଥାସ୍ଥିତି ତତ୍ତ୍ୱାବଧାନ ଅଧୀନରେ ଛୁଟି ମଞ୍ଜୁର କରିବା ବେଳେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଛୁଟିର ଅବଧି ତଥା ଛୁଟି ଆଦେଶ ସହିତ ସଂଯୁକ୍ତ ସର୍ତ୍ତାବଳୀକୁ ସୂଚୀତ କରିବେ, ଏବଂ ଯଦି ଛୁଟି ସମୟରେ କୌଣସି ସର୍ତ୍ତର ପାଳନ କରାନଯାଏ, ତେବେ ସଂପୃକ୍ତ କିଶୋର ବା ବାଳୁତକୁ ପୁଣି ଅନୁଷ୍ଠାନକୁ ଫେରି ଆସିବା ପାଇଁ କୁହାଯାଇପାରେ ।

(୬) ସଂପୃକ୍ତ କିଶୋର ବା ବାଳୁତକୁ ଅନୁଷ୍ଠାନରୁ ସଙ୍ଗରେ ନେଇଯିବା ଏବଂ ପୁଣି ତାକୁ ସଙ୍ଗରେ ଆଣି ଅନୁଷ୍ଠାନରେ ଛାଡିବାର ବ୍ୟବସ୍ଥା ତା'ର ପିତାମାତା ବା ଅଭିଭାବକ ଆୟୋଜନ କରିବେ, ଏବଂ ଯେଉଁସ୍ଥଳେ ଏହା ସମ୍ଭବ ନୁହେଁ, ଉକ୍ତ କିଶୋର ବା ବାଳୁତକୁ ତା'ର ପରିବାର ସ୍ଥାନରେ ଛାଡିବା ଏବଂ ପୁଣି ସେଠାରୁ ଫେରାଇ ଆଣିବା ଉଦ୍ଦେଶ୍ୟରେ ଭାରପ୍ରାପ୍ତ ଅଧିକାରୀ ସହଚର ବ୍ୟବସ୍ଥା କରିବେ । ଯଦି ତା'ର ପିତାମାତା ବା ଅଭିଭାବକ ସହଚର ବ୍ୟବସ୍ଥା କରିବା ପାଇଁ ଇଚ୍ଛୁକ ଥାଆନ୍ତି ଅଥଚ ସେମାନଙ୍କ ପାଖରେ ଆବଶ୍ୟକୀୟ ଅର୍ଥରାଶି ନଥିବ, ତେବେ ଭାରପ୍ରାପ୍ତ ଅଧିକାରୀ ଏହି ନିୟମାବଳୀ ଅଧୀନରେ ପ୍ରଦେୟ ଗସ୍ତ ଖର୍ଚ୍ଚ ପଇଠ କରିବାର ବ୍ୟବସ୍ଥା କରିବେ ।

(୭) ଯଦି ଛୁଟି ସମୟରେ ସଂପୃକ୍ତ କିଶୋର ବା ବାଳୁତ ପରିବାର ଠାରୁ ପଳାୟନ କରେ, ତେବେ ତା'ର ପିତାମାତା ବା ଅଭିଭାବକ ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀଙ୍କୁ ତୁରନ୍ତ ସୂଚନା ଦେବା ଜରୁରୀ, ଏବଂ ସେହି କିଶୋର ବା ବାଳୁତକୁ ଖୋଜି ବାହାର କରିବା ପାଇଁ ଚେଷ୍ଟା କରିବା ଆବଶ୍ୟକ, ଏବଂ ଯଦି ତା'ର ଠାବ ମିଳେ ତେବେ ତାକୁ ତୁରନ୍ତ ଅନୁଷ୍ଠାନକୁ ଫେରାଇ ଅଣାଯିବ ।

(୮) ଯଦି ଚବିଶ ଘଣ୍ଟା ଭିତରେ ଉକ୍ତ କିଶୋର ବା ବାଳୁତର ଠାବ ନମିଳେ, ତେବେ ଭାରପ୍ରାପ୍ତ ଅଧିକାରୀ ଏହି ବିଷୟରେ ନିକଟତମ ପୋଲିସ୍ ଥାନା ତଥା ନିଖୋଜ ବ୍ୟକ୍ତିଙ୍କ ସଂଗଠନକୁ ରିପୋର୍ଟ କରିବେ, କିନ୍ତୁ ସେହି କିଶୋର ବା ବାଳୁତ ବିରୁଦ୍ଧରେ କୌଣସି ପ୍ରତିକୂଳ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ ଏହି କ୍ଷେତ୍ରରେ ଆଇନ୍ ଅଧୀନରେ ପ୍ରଣୀତ ପଦ୍ଧତି ଅନୁସରଣ କରାଯିବ ।

(୯) ଯଦି ଛୁଟି ସମୟରେ ପିତାମାତା ବା ଅଭିଭାବକ ସଂପୃକ୍ତ କିଶୋର ବା ବାଳୁତର ଉପଯୁକ୍ତ ଯତ୍ନ ନ ନିଅନ୍ତି ଅଥବା ସେହି କିଶୋର ବା ବାଳୁତକୁ ନିର୍ଦ୍ଧାରିତ ସମୟ ଭିତରେ ଅନୁଷ୍ଠାନକୁ ଫେରାଇ ନଆଣନ୍ତି, ତେବେ ଭବିଷ୍ୟତରେ କୌଣସି ଥର ଏପ୍ରକାର ଛୁଟି ପାଇଁ ଅନୁମତି ଦିଆ ଯିବନାହିଁ ।

(୧୦) ଯଦି ସଂପୃକ୍ତ କିଶୋର ବା ବାଳୁତ ଅନୁମୋଦିତ ଛୁଟିସମୟ ଅତିକ୍ରାନ୍ତ ହେବା ସତ୍ତ୍ୱେ ଅନୁଷ୍ଠାନକୁ ଫେରି ନଆସେ ତେବେ ପରିଷଦ ବା କମିଟି ଏପ୍ରକାର ମାମଲା ବିଷୟରେ ପୋଲିସ୍‌କୁ ସୂଚୀତ କରିବେ, ଯାହା ଫଳରେ ପୋଲିସ୍ ସେହି କିଶୋରର ହେପାଜତ୍ ବହନ କରିବ ଏବଂ ତାକୁ ଅନୁଷ୍ଠାନକୁ ଫେରାଇ ଆଣିବ ।

(୧୧) ଛୁଟିର ସମୟ-ଅବଧିକୁ ଅନୁଷ୍ଠାନରେ ରହଣିର ସମୟ-ଅବଧିର ଅଂଶବିଶେଷ ଭାବେ ବିବେଚନା କରାଯିବ ଏବଂ ଜଣେ କିଶୋର ଅନୁଷ୍ଠାନକୁ ନିର୍ଦ୍ଧାରିତ ସମୟ ଭିତରେ ଫେରିବାରେ ଅସମର୍ଥ ହେବା ପରେ ଯେଉଁ ସମୟ ବିତିଥିବ, ତାହାକୁ ଅନୁଷ୍ଠାନରେ ତା'ର ମୋଟ୍ ରହଣି ଅବଧିର ସଂଗଣନା କଲାବେଳେ ବାଦ୍ ଦିଆଯିବ ।

୬୩. **ନିରୀକ୍ଷଣ-**

(୧) ଏହି ନିୟମାବଳୀର ନିୟମ ୯୧ ଅଧୀନରେ ଗଠିତ ଚୟନ କମିଟିଙ୍କ ସୁପାରିଶ୍ କ୍ରମେ ରାଜ୍ୟ ସରକାର ରାଜ୍ୟ, ଜିଲ୍ଲା ବା ସହର ସ୍ତରରେ ନିରୀକ୍ଷଣ କମିଟି ଗଠନ କରିବେ।

(୨) ନିରୀକ୍ଷଣ କମିଟିମାନ ଅନୁଷ୍ଠାନମାନଙ୍କୁ ପରିଦର୍ଶନ କରିବେ ଏବଂ ସେଠାକାର ଅବସ୍ଥା ତଥା ନିରାପତ୍ତା, କୁଶଳତା ଏବଂ ଦୀର୍ଘସ୍ଥାୟିତ୍ୱ ପାଇଁ ଚାଲୁ ରହିଥିବା ପ୍ରକ୍ରିୟାଗୁଡ଼ିକର ଯଥାର୍ଥତାକୁ ଲକ୍ଷ୍ୟ କରିବେ, ଯତ୍ନ ଓ ସୁରକ୍ଷା ନିର୍ବାହ ପାଇଁ ଅନୁଷ୍ଠାନମାନଙ୍କ ଦ୍ୱାରା ଅନୁସୃତ ମାନଦଣ୍ଡସମୂହର ସମୀକ୍ଷା କରିବେ, ବାଳୁତ ଅଧିକାର ଉଲ୍ଲଂଘନକୁ ନେଇ କୌଣସି ଘଟଣା ଘଟିଛି କି ନାହିଁ ତହିଁର ଖୋଜଖବର ନେବେ, ଏହି ନିୟମାବଳୀର ନିୟମ ୫୫ ଓ ନିୟମ ୫୬ ଅଧୀନରେ ଗଠିତ ପରିଚାଳନା କମିଟି ଓ ବାଳୁତ କମିଟିର କାର୍ଯ୍ୟଶୈଳୀକୁ ଅନୁଧ୍ୟାନ କରିବେ ତଥା ଯଥୋଚିତ ନିର୍ଦ୍ଦେଶନାମା ଜାରି କରିବେ।

(୩) ନିରୀକ୍ଷକ ଦଳ ଅନୁଷ୍ଠାନର ଉନ୍ନତି ଓ ବିକାଶ ପାଇଁ ମଧ୍ୟ ପରାମର୍ଶ ପ୍ରଦାନ କରିବେ।

(୪) ନିରୀକ୍ଷକ ଦଳରେ ସର୍ବନିମ୍ନ ପାଞ୍ଚ ଜଣ ସଦସ୍ୟ ରହିବେ, ଯେଉଁମାନଙ୍କ ଭିତରେ ପ୍ରତିନିଧିତ୍ୱ କରିବେ ରାଜ୍ୟ ସରକାର, ପରିଷଦ ବା କମିଟି, ରାଜ୍ୟ ବାଳୁତ ଅଧିକାର ସୁରକ୍ଷା କମିଶନ୍ ବା ରାଜ୍ୟ ମାନବାଧିକାର କମିଶନ୍, ଚିକିତ୍ସା ଓ ଅନ୍ୟ କ୍ଷେତ୍ରର ବିଶେଷଜ୍ଞ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସୁପରିଚିତ ସମାଜକର୍ମୀ।

(୫) ପ୍ରତି ତିନିମାସରେ ଅନ୍ତତଃ ଥରେ ନିରୀକ୍ଷଣ ଅନୁଷ୍ଠିତ ହେବ।

(୬) ନିରୀକ୍ଷଣ ପାଇଁ ଏକ ପରିଦର୍ଶକ ଦଳରେ ଅନ୍ତତଃ ତିନି ଜଣ ସଦସ୍ୟ ରହିବେ।

(୭) ପୂର୍ବରୁ ସୂଚୀତ କରାଯାଇଥିବା ମତେ ଅଥବା ଆକସ୍ମିକ ଭାବେ ନିରୀକ୍ଷକ ଦଳ ଅନୁଷ୍ଠାନକୁ ପରିଦର୍ଶନ କରିପାରନ୍ତି।

(୮) ବାଳୁତମାନଙ୍କର କୁଶଳାବସ୍ଥା ସଠିକ୍ ଭାବେ ଜାଣିବା ପାଇଁ ତଥା ସେମାନଙ୍କର ମୁକ୍ତମନରୁ ନିସୃତ ପ୍ରତିକ୍ରିୟା ଜାଣିବା ପାଇଁ ନିରୀକ୍ଷକ ଦଳ ଅନୁଷ୍ଠାନକୁ ପରିଦର୍ଶନ ସମୟରେ ବାଳୁତମାନଙ୍କ ସହ କଥୋପକଥନ କରିବେ।

(୯) ନିରୀକ୍ଷକ ଦଳଙ୍କ ଅନୁଭୂତି ତଥା ବାଳୁତମାନଙ୍କର ପରାମର୍ଶକୁ ଭିତ୍ତି କରି ପରବର୍ତ୍ତୀ ସଂପୃକ୍ତ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନମାନ ଗ୍ରହଣ କରାଯିବ।

(୧୦) ଗୃହୀତ କାର୍ଯ୍ୟାନୁଷ୍ଠାନ ଉପରେ ରିପୋର୍ଟ ସହିତ ନିରୀକ୍ଷକ କମିଟିଙ୍କ ମତାମତ ଓ ପରାମର୍ଶ ଜିଲ୍ଲା ବାଳୁତ ସୁରକ୍ଷା ଶାଖା ଏବଂ ରାଜ୍ୟ ସରକାରଙ୍କ ନିକଟକୁ ପଠାଇ ଦିଆଯିବ।

୬୪. **ସାମାଜିକ ସମୀକ୍ଷା-**

(୧) ଆବଶ୍ୟକ ସ୍ଥଳେ ପରିଷଦ ବା କମିଟି ବା ସ୍ୱତନ୍ତ୍ର କିଶୋର ପୋଲିସ୍ ଶାଖାର ସ୍ଥାପନା ତଥା ପରିଷଦ ବା କମିଟି ବା ସ୍ୱତନ୍ତ୍ର କିଶୋର ପୋଲିସ୍ ଶାଖାର କାର୍ଯ୍ୟଶୈଳୀ ତଥା ଅନୁଷ୍ଠାନସମୂହ ଏବଂ ତହିଁର କର୍ମକର୍ତ୍ତାଗଣ ଓ ପୋଷ୍ୟତା ପାଇଁ କାର୍ଯ୍ୟରତ ସଂସ୍ଥାସମୂହର କାର୍ଯ୍ୟଶୈଳୀ ତଥା କିଶୋର ନ୍ୟାୟ ପାଇଁ ଉଦ୍ଦିଷ୍ଟ ବାଳୁତ-ଅନୁକୂଳ ପ୍ରଶାସନ ଏବଂ ରାଜ୍ୟରେ ସଂପୃକ୍ତ ଆଇନ୍‌ର ଫଳପ୍ରଦ କାର୍ଯ୍ୟାନ୍ୱୟନ ସଂବନ୍ଧୀତ ଅନ୍ୟ କୌଣସି ବିଷୟକୁ ସମୀକ୍ଷା କରିବା ଜରିଆରେ କେନ୍ଦ୍ର ସରକାର ବା ରାଜ୍ୟ ସରକାର ଆଇନ୍‌ର କାର୍ଯ୍ୟକାରିତାକୁ ବର୍ଷକୁ ବର୍ଷ ତଦାରଖ ଏବଂ ମୂଲ୍ୟାଙ୍କନ କରିବେ।

(୨) ମାନସିକ ସ୍ୱାସ୍ଥ୍ୟ, ବାଳୁତ ଯତ୍ନ ଏବଂ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ସଂଗଠନମାନସମୂହ ତଥା ସ୍ୱୟଂଚାଳିତ ସଂସ୍ଥା, ଯଥା ଜାତୀୟ ସର୍ବସାଧାରଣ ସହଯୋଗ ଓ ବାଳୁତ ବିକାଶ ପ୍ରତିଷ୍ଠାନ, ଭାରତୀୟ ବାଳୁତ କଲ୍ୟାଣ ପରିଷଦ, ଚାଇଲ୍ଡ-ଲାଇନ୍ ଇଣ୍ଡିଆ ଫାଉଣ୍ଡେସନ୍, କେନ୍ଦ୍ରୀୟ ଓ ରାଜ୍ୟ ସ୍ତରୀୟ ସମାଜ କଲ୍ୟାଣ ପରିଷଦସମୂହ, ସମାଜ କର୍ମ ବିଦ୍ୟାଳୟ ଏବଂ ଆଇନ୍ ବିଦ୍ୟାଳୟଙ୍କ ସହଯୋଗ ଓ ସଂପୃକ୍ତି କ୍ରମେ ସାମାଜିକ ସମୀକ୍ଷା ପରିଚାଳିତ ହେବ ।

**୬୫. ପ୍ରତ୍ୟର୍ପଣ ଏବଂ ପରବର୍ତ୍ତୀ ଅନୁଧାବନ-**

(୧) ସଂପୃକ୍ତ କିଶୋର ବା ବାଳୁତ ଏବଂ ତା'ର ପିତାମାତା ବା ଅଭିଭାବକଙ୍କୁ ଯଥୋଚିତ ଶୁଣାଣି ଭିତ୍ତିରେ ତଥା ପରିଷଦ ବା କମିଟି ଦ୍ୱାରା ନିର୍ଦ୍ଦେଶିତ ହୋଇ ପରିବୀକ୍ଷା ଅଧିକାରୀ ବା ବାଳୁତ କଲ୍ୟାଣ ଅଧିକାରୀ ବା ବେସରକାରୀ ସଂଗଠନ ପ୍ରସ୍ତୁତ କରିଥିବା ପାରିବାରିକ-ସ୍ଥିତି ଉପରେ ରିପୋର୍ଟ ଏବଂ ଅନ୍ୟ କୌଣସି ଦଲିଲ୍ କିମ୍ବା ମାମଲାର ମୀମାଂସା ପାଇଁ ପରିଷଦ ବା କମିଟି ସମ୍ମୁଖରେ ପେଶ୍ କରାଯାଇଥିବା ରିପୋର୍ଟକୁ ଭିତ୍ତି କରି ଉକ୍ତ କିଶୋର ବା ବାଳୁତର ପ୍ରତ୍ୟର୍ପଣ ପାଇଁ ଆଦେଶ ଜାରି କରାଯିବ ।

(୨) ପରିଷଦ ବା କମିଟି ପ୍ରତ୍ୟର୍ପଣ ଆଦେଶ ସହିତ **ଫର୍ମ-୨୨**ରେ ସହଚର ପ୍ରେରଣ ପାଇଁ ଆଦେଶର ଏକ ନକଲ ଜିଲ୍ଲା ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ, ଯେ କି ସଂପୃକ୍ତ କିଶୋର ବା ବାଳୁତର ପ୍ରତ୍ୟର୍ପଣ ପାଇଁ ଆବଶ୍ୟକ ହେଉଥିବା ପାଣ୍ଠି ଯୋଗାଇଦେବେ ।

(୩) ଯଥାସ୍ଥିତି ମାମଲା କର୍ମୀ ବା ପରାମର୍ଶଦାତା ବା ବାଳୁତ କଲ୍ୟାଣ ଅଧିକାରୀ ବା ପରିବୀକ୍ଷା ଅଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ବ୍ୟକ୍ତି-ସ୍ତରୀୟ ଯତ୍ନ ନିର୍ବାହ ଯୋଜନାର ଏକ ଅଂଶବିଶେଷ ରୂପେ ପ୍ରତ୍ୟର୍ପଣ ପାଇଁ ପ୍ରଚେଷ୍ଟା ଜାରି ରଖାଯିବ, ଏବଂ ଏହା ଏହି ନିୟମାବଳୀର ନିୟମ ୫୫ ଅଧୀନରେ ସ୍ଥାପିତ ପରିଚାଳନା କମିଟିର ସମୀକ୍ଷା ଓ ସୁପାରିଶ୍ ଉପରେ ଆଧାରିତ ହେବ ।

(୪) ପ୍ରତ୍ୟର୍ପଣ ପାଇଁ ସଂପୃକ୍ତ କିଶୋର ବା ବାଳୁତକୁ ତା'ର ପରିବାରରେ ଛାଡିଆସିବା ସକାଶେ ପରିଷଦ ବା କମିଟି ପୋଲିସ୍ର ସହଯୋଗ ଲୋଡିବା ସହିତ ବେସରକାରୀ ସଂଗଠନମାନଙ୍କର ସହଯୋଗ ଲୋଡିପାରନ୍ତି ।

(୫) ଯଦି ସଂପୃକ୍ତ କିଶୋର ବା ବାଳୁତ ମହିଳା ହୋଇଥାଏ, ତେବେ ତା'ର ସହଚରୀ ଭାବେ ଯେମିତି ହେଲେ ମହିଳାଙ୍କୁ ନିଯୁକ୍ତ କରାଯିବ ।

(୬) ଯାତାୟତ ଏବଂ ଅନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ସମେତ ଜଣେ କିଶୋର ବା ବାଳୁତର ପ୍ରତ୍ୟର୍ପଣ ପାଇଁ ଯେଉଁ ସମସ୍ତ ବ୍ୟୟ କରାଯିବ, ତାହା ଜିଲ୍ଲା ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାର ବହନ କରିବେ ।

(୭) ଯେଉଁସ୍ଥଳେ ଜଣେ କିଶୋର ବା ବାଳୁତ ନିଜ ପରିବାରରେ ପ୍ରତ୍ୟର୍ପଣ ହେବାକୁ ଅମଙ୍ଗ ହେବ, ସେପରି ସ୍ଥଳେ ପରିଷଦ ବା କମିଟି ନିଜ ରେକର୍ଡରେ ଏ ବିଷୟରେ ଏକ ଲିଖିତ ଟିପ୍ପଣୀ ଲିପିବଦ୍ଧ କରିରଖିବେ ଏବଂ ଉକ୍ତ କିଶୋର ବା ବାଳୁତକୁ ପରିବାରକୁ ଫେରିଯିବା ପାଇଁ ବାଧ୍ୟ କରାଯାଇ ପାରିବନି କି ପ୍ରବର୍ତ୍ତନା ଦିଆଯିବ ନାହିଁ, ବିଶେଷ କରି ସେଭଳି ଏକ ସ୍ଥିତିରେ ଯେଉଁଠି ବାଳୁତ କଲ୍ୟାଣ ଅଧିକାରୀ ବା ପରିବୀକ୍ଷା ଅଧିକାରୀଙ୍କ ମତରେ ପରିବାରକୁ ପ୍ରତ୍ୟର୍ପଣ ଉକ୍ତ କିଶୋର ବାଳୁତର ସର୍ବୋତ୍ତମ ସ୍ୱାର୍ଥ ସାଧନ କରିବ ନାହିଁ ଅଥବା ଯେଉଁଠି ପିତାମାତା ବା ଅଭିଭାବକ ଉକ୍ତ କିଶୋର ବାଳୁତକୁ ଫେରାଇନେବାକୁ ମନା କରିଦେଇଥାନ୍ତି ।

(୮) ବାଳୁତର ପ୍ରତ୍ୟର୍ପଣରେ ସହାୟତା କରିବା ଉଦ୍ଦେଶ୍ୟରେ ପରିଷଦ ବା କମିଟି ଦ୍ୱାରା ନିର୍ଦ୍ଦେଶିତ ହୋଇ ବାଳୁତ କଲ୍ୟାଣ ଅଧିକାରୀ ବା ପରିବୀକ୍ଷା ଅଧିକାରୀ ବା ବେସରକାରୀ ସଂଗଠନ ବ୍ୟକ୍ତି-ସ୍ତରୀୟ ଯତ୍ନ ନିର୍ବାହ ଯୋଜନାର ଏକ ଅଂଶବିଶେଷ ରୂପେ ପ୍ରତ୍ୟର୍ପଣ-ପରବର୍ତ୍ତୀ ତଦାରଖ ବ୍ୟବସ୍ଥା ପ୍ରସ୍ତୁତ କରିବେ ।

(୯) ତ୍ରୈମାସିକ ଅନୁଧାବନ ରିପୋର୍ଟକୁ ସଂପୃକ୍ତ ବାଳୁତ କଲ୍ୟାଣ ଅଧିକାରୀ ବା ପରିବୀକ୍ଷା ଅଧିକାରୀ ବା ବେସରକାରୀ ସଂଗଠନଙ୍କ ଦ୍ୱାରା ପରିଷଦ ବା କମିଟିଙ୍କ ନିକଟକୁ ଦୁଇବର୍ଷ ପାଇଁ ପଠାଯିବ ଏବଂ ଏହାର ଏକ ନକଲ ସେହି ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀଙ୍କ ନିକଟକୁ ପଠାଯିବ, ଯେଉଁଠି ପ୍ରତ୍ୟର୍ପଣ ପୂର୍ବରୁ କିଶୋର ବା ବାଳୁତ ଜଣକ ଅବସ୍ଥାନ କରୁଥିଲା ।

(୧୦) ପ୍ରତ୍ୟର୍ପଣ ପରେ କିଶୋର ବା ବାଳୁତ କେଉଁ ପରିସ୍ଥିତି ଭିତରେ ଗତି କରୁଛି ଏବଂ ଉକ୍ତ କିଶୋର ବା ବାଳୁତର ଅସୁରକ୍ଷିତ ଅବସ୍ଥା ଯେପରି ଅଧିକ ଶୋଚନୀୟ ନହୁଏ, ତାହା ସୁନିଶ୍ଚିତ କରିବା ପାଇଁ ତା'ର କେଉଁ ପ୍ରୟୋଜନସବୁକୁ ରାଜ୍ୟ ସରକାର ପୂରଣ କରିବା ଦରକାର, ସେ ବିଷୟ ଅନୁଧାବନ ରିପୋର୍ଟରେ ସ୍ପଷ୍ଟ ଭାବେ ସୂଚୀତ ହେବ ।

(୧୧) ଭାରପ୍ରାପ୍ତ ଅଧିକାରୀ ସଂପୃକ୍ତ କିଶୋର ବା ବାଳୁତର ମାମଲା ଫାଇଲ୍‌ରେ ଅନୁଧାବନ ରିପୋର୍ଟକୁ ସ୍ଥାନିତ କରିବେ ଏବଂ ନିୟମ ୫୫ ଅଧୀନରେ ସ୍ଥାପିତ ପରିଚାଳନା କମିଟିର ପରବର୍ତ୍ତୀ ବୈଠକରେ ଏହି ରିପୋର୍ଟକୁ ପେଶ୍ କରିବେ ।

(୧୨) ଭାରପ୍ରାପ୍ତ ଅଧିକାରୀ ଏ ପ୍ରକାର ଅନୁଧାବନ ରିପୋର୍ଟଗୁଡିକର ନକଲକୁ ଜିଲ୍ଲା ବାଳୁତ ସୁରକ୍ଷା ଶାଖା ନିକଟକୁ ମଧ୍ୟ ପ୍ରେରଣ କରିବେ ।

(୧୩) ଯେଉଁସ୍ଥଳେ ସରକାରୀ କାର୍ଯ୍ୟକର୍ତ୍ତା ବା ବେସରକାରୀ ସଂଗଠନ ନଥିବା କାରଣରୁ ଅନୁଧାବନ କରିବା ସମ୍ଭବ ହୁଏନାହିଁ, ସଂପୃକ୍ତ ଜିଲ୍ଲା ବାଳୁତ ସୁରକ୍ଷା ଶାଖା ସଂପୃକ୍ତ ପରିଷଦ ବା କମିଟିଙ୍କୁ ଆବଶ୍ୟକୀୟ ସାହାଯ୍ୟ ଓ ସହଯୋଗ ଯୋଗାଇଦେବେ ।

**୬୬. ପରିଦର୍ଶକ ପୁସ୍ତକ-**

(୧) ପ୍ରତି ଅନୁଷ୍ଠାନରେ ଏକ ପରିଦର୍ଶକ ପୁସ୍ତକ ଅନୁରକ୍ଷିତ ହେବ, ଯେଉଁଥିରେ ଗୃହକୁ ପରିଦର୍ଶନ କରୁଥିବା ପ୍ରତି ବ୍ୟକ୍ତି ପରିଦର୍ଶନର ତାରିଖ ସୂଚୀତ କରିବା ସହିତ ନିଜର ମତାମତ ବା ପରାମର୍ଶକୁ ଦରଜ କରିବେ ।

(୨) ଏତାଦୃଶ ଭାବେ ଦରଜ ହୋଇଥବା ପ୍ରତି ସୂଚନାର ନକଲକୁ ଭାରପ୍ରାପ୍ତ ଅଧିକାରୀ ଜିଲ୍ଲା ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ ଏବଂ ତାହା ସହିତ ଉକ୍ତ ମତାମତ ଉପରେ ନିଜେ ଇଚ୍ଛା କରୁଥିବା ନିଜର କୌଣସି ସ୍ପଷ୍ଟୀକରଣ ବା ଅନ୍ୟ କିଛି ସୂଚନା ସହ ନିଜର ମନ୍ତବ୍ୟ ପ୍ରଦାନ କରିବେ ; ଏବଂ ଏହା ପରେ ପଦନାମିତ କର୍ତ୍ତୃପକ୍ଷ ନିଜେ ଆବଶ୍ୟକ ମନେ କରୁଥିବା ଆଦେଶ ଜାରି କରିପାରନ୍ତି ।

**୬୭. ରେଜିଷ୍ଟରଗୁଡିକର ରକ୍ଷଣାବେକ୍ଷଣ -**

ଭାରପ୍ରାପ୍ତ ଅଧିକାରୀ ନିଜ ଅଫିସ୍‌ରେ ସେହିସବୁ ରେଜିଷ୍ଟର୍ ଓ ଫର୍ମ ଅନୁରକ୍ଷଣ କରିବେ, ଯାହାକି ଆଇନ୍ ଅନୁଯାୟୀ ଆବଶ୍ୟକ ଏବଂ ଆଇନ୍ ଅଧୀନରେ ପ୍ରଣୀତ ନିୟମାବଳୀରେ ବିନିର୍ଦ୍ଦିଷ୍ଟ କରାଯାଇଛି ଏବଂ

ଅନୁରକ୍ଷିତ ହେବାକୁ ଥିବା ରେଜିଷ୍ଟର୍, ଫାଇଲ୍ ବା ଖାତାର ତାଲିକାରେ ଅନ୍ତତଃ ନିମ୍ନୋକ୍ତ ଦଲିଲ୍ ଅନ୍ତର୍ଭୁକ୍ତ ହେବ-

(ଏ) ଭର୍ତ୍ତି ଓ ଖଲାସ ରେଜିଷ୍ଟର୍ ;

(ବି) ତତ୍ତ୍ୱାବଧାନ ରେଜିଷ୍ଟର୍ ;

(ସି) ମେଡିକାଲ୍ ଫାଇଲ୍ ବା ମେଡିକାଲ୍ ରିପୋର୍ଟ ;

(ଡି) ପୁଷ୍ଟିକାରକ ଖାଦ୍ୟ ଫାଇଲ୍ ;

(ଇ) ଷ୍ଟକ୍ ରେଜିଷ୍ଟର୍ ;

(ଏଫ୍) ଲଗ୍ ବୁକ୍

(ଜି) ଆଦେଶ ପୁସ୍ତକ ;

(ଏଚ୍) ବୈଠକ ପୁସ୍ତକ ;

(ଆଇ) କ୍ୟାସ୍ ବୁକ୍ ;

(ଜେ) ବଜେଟ୍ ବିବୃତ୍ତି ଫାଇଲ୍ ;

(କେ) ଅନୁସନ୍ଧାନ ରିପୋର୍ଟ ଫାଇଲ୍ ;

(ଏଲ୍) ପ୍ରତି ବ୍ୟକ୍ତି ପାଇଁ କେଶ୍ ଫାଇଲ୍ ତଥା ପ୍ରତି ବ୍ୟକ୍ତିର ଯତ୍ନ-ନିର୍ବାହ ଯୋଜନା ;

(ଏମ୍) ବାଳୁତମାନଙ୍କର ପରାମର୍ଶ ଲିପିବଦ୍ଧ କରିବା ପାଇଁ ପୁସ୍ତକ ;

(ଏନ୍) ପରିଦର୍ଶକ ପୁସ୍ତକ ;

(ଓ) କର୍ମଚାରୀଙ୍କ ଯାତାୟତ ରେଜିଷ୍ଟର୍ ;

(ପି) ବ୍ୟକ୍ତିଗତ ଜିନିଷପତ୍ର ରେଜିଷ୍ଟର୍ ;

(କ୍ୟୁ) ପରିଚାଳନା କମିଟିର ବିବରଣୀ ରେଜିଷ୍ଟର୍ ;

(ଆର୍) ବାଳୁତ କମିଟିମାନଙ୍କ ବିବରଣୀ ରେଜିଷ୍ଟର୍ ; ଏବଂ

(ଏସ୍) କର୍ମଚାରୀ ଏବଂ କିଶୋର ବା ବାଳୁତମାନଙ୍କ ଉପସ୍ଥାନ ରେଜିଷ୍ଟର୍ ।

**୬୮. ଗୋଟିଏ ଗୃହର କାର୍ଯ୍ୟକର୍ତ୍ତା ବା କର୍ମଚାରୀ-**

(୧) ଦାୟିତ୍ୱ, ପଦବୀ, ଦୈନିକ କାର୍ଯ୍ୟ ସମୟ ଏବଂ କେଉଁ ଶ୍ରେଣୀର ଅନ୍ତେବାସୀ ବାଳୁତ ଅଛନ୍ତି ଯାହାଙ୍କୁ ସେବା ପ୍ରଦାନ ପାଇଁ ଗୋଟିଏ ଗୃହର କର୍ମଚାରୀମାନେ ଉଦ୍ଦିଷ୍ଟ, ଏସବୁକୁ ଭିତ୍ତି କରି ଗୋଟିଏ ଗୃହର ମୋଟ୍ କାର୍ଯ୍ୟକର୍ତ୍ତା ସଂଖ୍ୟା ନିର୍ଦ୍ଧାରିତ ହେବ ।

(୨) ଗୃହର ଆୟତନ, କ୍ଷମତା, କାର୍ଯ୍ୟଭାର, କାର୍ଯ୍ୟବଳୀର ବଣ୍ଟନ ଏବଂ କାର୍ଯ୍ୟକ୍ରମସମୂହର ଆବଶ୍ୟକତା ଅନୁଯାୟୀ ଅନୁଷ୍ଠାନର ସାଂଗଠନିକ ଢାଞ୍ଚା ପ୍ରସ୍ତୁତ ହେବ ।

(୩) ଗୋଟିଏ ଗୃହର ସର୍ବକ୍ଷଣ କର୍ମୀଦଳରେ ଅନ୍ତର୍ଭୁକ୍ତ ହୋଇ ପାରନ୍ତି ଜଣେ ଭାରପ୍ରାପ୍ତ ଅଧିକାରୀ, ପରିବୀକ୍ଷା ଅଧିକାରୀ (ପରିବେକ୍ଷଣ ଗୃହ ବା ସ୍ୱତନ୍ତ୍ର ଗୃହ କ୍ଷେତ୍ରରେ), ଏବଂ ଆବଶ୍ୟକ ସଂଖ୍ୟକ ମାମଲା କର୍ମୀସମୂହ (ବାଳୁତ ଗୃହ ବା ଆଶ୍ରୟ ଗୃହ ବା ଯତ୍ନୋତ୍ତର ସଂଗଠନ କ୍ଷେତ୍ରରେ), ବାଳୁତ କଲ୍ୟାଣ ଅଧିକାରୀବୃନ୍ଦ, ପରାମର୍ଶଦାତା, ଶିକ୍ଷକ, ବୈଷୟିକ ତାଲିମ୍ ପ୍ରଶିକ୍ଷକ, ଚିକିତ୍ସା କର୍ମଚାରୀ, ପ୍ରଶାସନିକ କର୍ମଚାରୀ, ଯତ୍ନ ନିର୍ବାହକବୃନ୍ଦ, ଗୃହ ପିତା ଓ ଗୃହ ମାତା, ବାଳୁତ ପ୍ରୋତ୍ସାହକ, ସ୍ୱେଚ୍ଛାସେବୀ, ଷ୍ଟୋର୍ ରକ୍ଷକ, ରୋଷେଇୟା, ସହାୟକ, ରଜକ, ସଫେଇ କର୍ମଚାରୀ ଏବଂ ମାଳି ।

(୪) ସମୟାନ୍ତରରେ ଆବଶ୍ୟକ ପଡୁଥିବା ମତେ ଯେଉଁ ସାମୟିକ କର୍ମୀଦଳ ନିଯୁକ୍ତ ହେବେ, ସେମାନଙ୍କ ଭିତରେ ଅନ୍ତର୍ଭୁକ୍ତ ରହିବେ ମନୋଚିକିତ୍ସକ, ମନସ୍ତତ୍ତ୍ୱବିତ୍, ବୈଷୟିକ ପରାମର୍ଶଦାତା, ଏବଂ ଅନ୍ୟାନ୍ୟ ବିଶେଷଜ୍ଞଗଣ ।

(୫) ଗୃହର କର୍ମଚାରୀବୃନ୍ଦ ଭାରପ୍ରାପ୍ତ ଅଧିକାରୀଙ୍କ ନିୟନ୍ତ୍ରଣ ଏବଂ ସାମଗ୍ରୀକ ତତ୍ତ୍ୱାବଧାନ ଅଧୀନରେ କାର୍ଯ୍ୟ କରିବେ, ଏବଂ ଭାରପ୍ରାପ୍ତ ଅଧିକାରୀ ପ୍ରତ୍ୟେକଙ୍କ ପାଇଁ ନିର୍ଦ୍ଦିଷ୍ଟ ଦାୟିତ୍ୱମାନ ନିର୍ଦ୍ଧାରଣ କରିବେ ଏବଂ ସେ ଏ ବାବଦରେ ସମୟାନ୍ତରରେ ଜାରି କରିଥିବା ଆଦେଶମାନ ବିଷୟରେ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ।

(୬) ଆଇନ୍ ଅଧୀନରେ ନିର୍ଦ୍ଦେଶିତ ହୋଇଥିବା ବୈଧାନିକ ପ୍ରୟୋଜନଗୁଡିକ ସହିତ ତାଳମେଳ ରଖି ଭାରପ୍ରାପ୍ତ ଅଧିକାରୀଙ୍କ ନିୟନ୍ତ୍ରଣାଧୀନ କର୍ମଚାରୀମାନଙ୍କର କର୍ତ୍ତବ୍ୟସମୂହ ଓ ଦାୟିତ୍ୱାବଳୀ ଧାର୍ଯ୍ୟ କରାଯିବ ।

(୭) ଗୃହର ପରିସର ଭିତରେ ଯୋଗାଇ ଦିଆଯାଇଥିବା ବାସଗୃହରେ ଭାରପ୍ରାପ୍ତ ଅଧିକାରୀ ଏବଂ ସେହି ସବୁ କର୍ମଚାରୀ ବାସ କରିବେ, ଯେଉଁମାନଙ୍କର ଆବଶ୍ୟକତା ଅଛି ।

(୮) ଅନୁଷ୍ଠାନର ମୋଟ୍ ଅନ୍ତେବାସୀ ସଂଖ୍ୟାକୁ ଦୃଷ୍ଟିରେ ରଖି ପ୍ରତି ନିର୍ଦ୍ଦିଷ୍ଟ ଶ୍ରେଣୀର କର୍ମଚାରୀଙ୍କର ପଦବୀ ସଂଖ୍ୟା ସ୍ଥିର କରାଯିବ ; ଏବଂ ପ୍ରତି ନିର୍ଦ୍ଦିଷ୍ଟ ଶ୍ରେଣୀର କର୍ମଚାରୀଙ୍କ ପାଇଁ ଆବଶ୍ୟକ ପଡୁଥିବା ଶିକ୍ଷାଗତ ଯୋଗ୍ୟତା, ତାଲିମ୍ ଏବଂ ଅଭିଜ୍ଞତା ଅନୁଯାୟୀ କର୍ମଚାରୀମାନଙ୍କୁ ନିଯୁକ୍ତି ଦିଆଯିବ ।

(୯) ଏକ ଶହ କିଶୋର ବା ବାଳୁତଙ୍କ ପାଇଁ ଉଦ୍ଦିଷ୍ଟ ଏକ ଅନୁଷ୍ଠାନରେ କର୍ମଚାରୀ ଢାଞ୍ଚା ନିମ୍ନମତେ ଧାର୍ଯ୍ୟ କରାଯାଇପାରେ -

| କ୍ର.ସଂ. (୧) | କର୍ମଚାରୀ/କାର୍ଯ୍ୟକର୍ତ୍ତା (୨) | ପଦବୀ ସଂଖ୍ୟା (୩) |
|---|---|---|
| ୧. | ଭାରପ୍ରାପ୍ତ ଅଧିକାରୀ | ୧ |
| ୨. | ପରାମର୍ଶଦାତା | ୨ |
| ୩. | ପରିବୀକ୍ଷା ଅଧିକାରୀ ବା ବାଳୁତ କଲ୍ୟାଣ ଅଧିକାରୀ ବା ମାମଲା କର୍ମୀ | ୩ |
| ୪. | ଗୃହ ମାତା ବା ଗୃହ ପିତା | ୪ |
| ୫. | ଶିକ୍ଷକ | ୨ (ସ୍ୱେଚ୍ଛାସେବୀ ବା ସାମୟିକକର୍ମୀ) |
| ୬. | ଡାକ୍ତର | ୧ |
| ୭. | ସହାୟକ ଚିକିତ୍ସା କର୍ମୀ | ୧ |
| ୮. | ଷ୍ଟୋର୍ ରକ୍ଷକ-ଏବଂ-ହିସାବରକ୍ଷକ | ୧ (ସାମୟିକ କର୍ମୀ) |
| ୯. | କଳା ଏବଂ ହସ୍ତକର୍ମ-ତଥା-ସଂଗୀତ ଶିକ୍ଷକ | ୧ (ସାମୟିକ କର୍ମୀ) |
| ୧୦. | ବ୍ୟାୟାମ ଶିକ୍ଷକ –ତଥା-ଯୋଗ ପ୍ରଶିକ୍ଷକ | ୧ (ସାମୟିକ କର୍ମୀ) |
| ୧୧. | ଡ୍ରାଇଭର୍ | ୧ |
| ୧୨. | ରୋଷେଇଆ | ୨ |
| ୧୩. | ସହାୟକ | ୨ |
| ୧୪. | ଗୃହ ତତ୍ତ୍ୱାବଧାନ | ୨ |
| ୧୫. | ମାଳି | ୧ (ସାମୟିକ କର୍ମୀ) |
| | **ସମୁଦାୟ** | **୨୫** |

(୧୦) ଅନୁଷ୍ଠାନର ଅନ୍ତେବାସୀ ସଂଖ୍ୟା ବଢ଼ିବା ସହିତ ଆନୁପାତିକ ଭାବେ କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ପଦବୀ ସଂଖ୍ୟା ବଢ଼ି ଚାଲିବ, ଯଥା ପରାମର୍ଶଦାତା, ମାମଲା କର୍ମୀ ବା ପରିବୀକ୍ଷା ଅଧିକାରୀ, ଗୃହ ପିତା ବା ଗୃହ ମାତା, ଶିକ୍ଷକ ଏବଂ ବୈଷୟିକ ପ୍ରଶିକ୍ଷକ ।

(୧୧) ଶିଶୁମାନଙ୍କୁ ଆଶ୍ରୟ ଦେଉଥିବା ଅନୁଷ୍ଠାନସମୂହ କ୍ଷେତ୍ରରେ ଆବଶ୍ୟକତା ଅନୁଯାୟୀ ଆୟା ଏବଂ ଚିକିତ୍ସା ସହାୟକମାନଙ୍କ ନିଯୁକ୍ତି ପାଇଁ ବ୍ୟବସ୍ଥା କରାଯିବ ।